**ମାହାଙ୍ଗା ଭାଜପା ନେତା ହତ୍ୟା ଘଟଣା: ସନ୍ଦେହରେ ଜଣଙ୍କୁ ଉଠାଇନେଲା ପୋଲିସ**

ରାଜଗାଙ୍ଗପୁର,(ଡି.ଏନ୍.ଏ.): ମାହାଙ୍ଗା ଭାଜପା ନେତା ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରୁ ପୋଲିସ ଜଣଙ୍କୁ ଉଠାଇ ନେଇଛି। ସମ୍ପୃକ୍ତ ସନ୍ଦିଗ୍ଧ ଜଣକ ରାଜଗାଙ୍ଗପୁରରେ ଥିବା ତାଙ୍କ ଭିଣୋଇଙ୍କ ଘରେ ଆସି ଲୁଚି ରହିଥିବା ମାହାଙ୍ଗା ପୋଲିସ ସୂଚନା ପାଇଥିଲା। ମଙ୍ଗଳବାର ସକାଳେ ସ୍ଥାନୀୟ ପୋଲିସ ସହାୟତାରେ ଚଢ଼ାଉ କରି ମାହାଙ୍ଗା ପୋଲିସ ତାଙ୍କୁ ହେପାଜତକୁ ନେଇଛି।

## ସଂକ୍ଷେପରେ

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

**ବଲାଙ୍ଗୀର ଅଫିସ, ୫।୧:** ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ମାକଡଚୁଆଁ ଗାଁର ଜଣେ ଆଦିବାସୀ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ଶ୍ରୀକର ମିର୍ଦ୍ଧାଙ୍କୁ ସ୍ଥାନୀୟ ଲୋକେ ଗାଁ ନିକଟ ଜଙ୍ଗଲରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଗତ ୧ତାରିଖରେ ଶ୍ରୀକର ଭୋଜି କରି ଫେରୁଥିବା ବେଳେ ଗାଁର ଉଚ୍ଚବର୍ଗର କେତେଜଣ ଯୁବକ ତାଙ୍କୁ ଆକ୍ରମଣ କରିଥିବା ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଶାସକ ଦଳର ଜଣେ ନେତା ଓ ଅନ୍ୟ ଜଣେ ତାଙ୍କ ପରିବାରକୁ କୁଆଡେ ଧମକ ଦେଇଥିଲେ। ୩ ତାରିଖରେ ସେ ଗାଧୋଇ ଯିବା ସମୟରେ ତାଙ୍କୁ ପୁଣି କେତେଜଣ ଯୁବକ ଆକ୍ରମଣ କରିବାରୁ ଜୀବନ ଭୟରେ ସେ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ। ସେହିଦିନୁ ତାଙ୍କର କୌଣସି ପତ୍ତା ମିଳୁ ନ ଥିଲା। ଏହି ଆକ୍ରମଣର ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ପୀଡିତ ପରିବାରର ସୁରକ୍ଷା ଦାବି କରିଛନ୍ତି ବିଧାୟକ ନରସିଂହ ମିଶ୍ର।

### ଗନ୍ଧମାଳୀ ସମାଜର ଉପଖଣ୍ଡସ୍ତରୀୟ ବୈଠକ

**ଲୋଇସିଂହା,୫।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଯୋଗେଶ୍ୱର ପୀଠରେ ପଶ୍ଚିମ ଓଡିଶା ଗନ୍ଧମାଳି ସମାଜ ବଲାଙ୍ଗୀର ଉପଖଣ୍ଡୀୟସ୍ତରୀୟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପସଭାପତି ରୂପଧର ଥନାପତି ଅଧ୍ୟକ୍ଷତା କରିଥିଲେ। ବୈଠକରେ ଭାସ୍କର ଥନାପତି, ଅନନ୍ତ ଥନାପତି, ଜଗଦୀଶ ଥନାପତି, ଲମ୍ବୋଦର ଥନାପତି, ବିଶ୍ୱନାଥ ଥନାପତି, ବିଘ୍ନରାଜ ଥନାପତି, ପଙ୍କଜ ଥନାପତି, ରାମାନନ୍ଦ ଥନାପତି, ଛନ୍ଦା ଥନାପତି, କେଦାର ଥନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ କୋଷାଧ୍ୟକ୍ଷ ଭାସ୍କର ଥାନାପତି ଗତବର୍ଷର ଆୟବ୍ୟୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏତଦ୍‌ବ୍ୟତୀତ ଯୁବ ପୂଜକମାନଙ୍କୁ ସେବାପୂଜା କରାଯିବ ବିଷୟରେ ମାର୍ଗଦର୍ଶନ ଦିଆଯାଇଥିଲା ।

### ଫୁଲ ଦେଇ ହେଲମେଟ ସଚେତନତା



**ଅତାବିରା, ୫।୧ (ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ଗୋଡଭଗା-ତୁରୁମ ୫୪ ନମ୍ବର ରାଜ୍ୟ ରାଜପଥର ସିନ୍ଦୁରବାହାଲ ଛକରେ ମଙ୍ଗଳବାର ହେଲମେଟ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋଇସାଗର, ସହଯୋଗୀ ତପସ୍ୱିନୀ ଦେବଗୁରୁ, କୈଶଲ୍ୟା କୁମାର, ଉପେନ୍ଦ୍ର ଭୁଏ ଓ ଗୋଡଭଗା ଫାଣ୍ଡି କନଷ୍ଟେବଲ ପ୍ରଦୀପ କୁମାର ନାୟକ, ଗ୍ରାମରକ୍ଷୀ ଗୋବିନ୍ଦ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ । ଯେଉଁମାନେ ହେଲମେଟ ପିନ୍ଧି ବାଇକ୍ ଚଳାଉଥିଲେ ସେମାନଙ୍କୁ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧିତ କରାଯାଉଥିଲା ।

### ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ

**ଲୋଇସିଂହା, ୫।୧(ଡି.ଏନ.ଏ.):** କଟକ ଜିଲା ମାହାଙ୍ଗା ଡବଲ ମର୍ଡର ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗରିଫ ଦାବି କରିଛି ଲୋଇସିଂହା ଭାଜପା ଯୁବମୋର୍ଚ୍ଚା। ମଙ୍ଗଳବାର ଏ ନେଇ ସେମାନେ ଲୋଇସିଂହା ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ ଦାବିରେ ମୋର୍ଚ୍ଚା ପକ୍ଷରୁ ଲୋଇସିଂହା ଥାନା ଆଇଆଇସି ଲଳିତା ଲାକ୍ରାଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଯୁବମୋର୍ଚ୍ଚା ସଭାପତି ଯଶୋବନ୍ତ ବାଦୀଙ୍କ ନେତୃତ୍ୱରେ ଗୌରାଙ୍ଗ ନାଏକ, ସୁନୀଲ ଦାସ, ରଶ୍ମି ପଧାନ, ଶଙ୍କର ସାହୁ ,ଅମରଜିତ ପଟେଲ ସମେତ ବହୁ କର୍ମୀ ଥାନା ଆଗାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

# ମଣ୍ଡିରେ ବଢୁଛି ଚାଷୀଙ୍କ ଦୁଃଖ

- କଟନିରୁ ବି ବର୍ତ୍ତୁନି ଏଫ୍ଏକ୍ୟୁମାନର ଧାନ
- ମଣ୍ଡିରେ ୩୭୬୩ କୁଇଣ୍ଟାଲ ପଡିଛି
- ୨୧୦ରୁ ୧୯୨ ମଣ୍ଡି ଆରମ୍ଭ, ୧୮ ଆରମ୍ଭ ହୋଇନି

**ଭବାନୀପାଟଣା, ୫।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଚାଷୀ କେତେବେଳେ ରୋଗପୋକ ତ ଆଉ କେତେବେଳେ ଅଦିନିଆ ବର୍ଷା ଯୋଗୁ କ୍ଷତି ସହୁଥିବା ବେଳେ ଏବେ କୋଭିଡ କଟକଣାରେ ବି ନିଜ କଷ୍ଟ ଉପାର୍ଜିତ ଧାନ ଦଲାଲଙ୍କୁ ନ ଦେଇ ମଣ୍ଡିରେ ବିକି ଦୁଇ ପଇସା ଉପାର୍ଜନ ଆଶା କରୁଛି। ହେଲେ ଏଥିରେ ବି ପ୍ୟାକ୍ସ ଓ ମିଲର୍ସଙ୍କଠାରୁ ଚାଷୀ ଶୋଷଣ ହେବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଚାଷୀଙ୍କ ଟୋକନଗୁଡିକୁ ଦଲାଲମାନେ କୁଇଣ୍ଟାଲ ପିଛା ୧୦୦ ଟଙ୍କାରେ କିଣି ନିଜର ବେନାମୀ ଧାନକୁ ଚାଷୀ ଟୋକନରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଆରଏମ୍‌ସି, ପ୍ୟାକ୍ସ ଓ ମିଲର୍ସ ଏଜେଣ୍ଟଙ୍କ ମଧୁଚନ୍ଦ୍ରିକା ଯୋଗୁ ଚାଷୀ ଶୋଷଣର ଶିକାର ହେଉଥିବା ବେଳେ ମଣ୍ଡିରେ ମଧ ଚାଷୀଙ୍କ ଦୁଃଖ ବଢୁଛି । ଫେୟାର ଆଭରେଜ କ୍ୱାଲିଟି (ଏଫ୍ଏକ୍ୟୁ) ମାନର ଧାନକୁ ମଧ କଟନୀଛଟନୀ କରାଯାଉଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଜିଲାରେ ପ୍ରଥମ ପର୍ଯ୍ୟାରେ ୨୪ ଲକ୍ଷ ୪୦ ହଜାର ୯୦୦ କୁଇଣ୍ଟାଲ ଧାନ ଉଠାଣ ପାଇଁ ଟାର୍ଗେଟ ରହିଛି। ଏ ପର୍ଯ୍ୟନ୍ତ ୭ ଲକ୍ଷ ୧୦ ହଜାର ୯୧୯ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ମଣ୍ଡିରେ ୩୭୬୩ କୁଇଣ୍ଟାଲ ପଡିରହିଛି। ଜିଲାର ୨୧୦ରୁ ୧୯୨ଟି ମଣ୍ଡି ଚାଲିଥିବା ବେଳେ ୧୮ଟି ମଣ୍ଡି ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଧାନ କିଣାରେ ୫୮ଟି ମିଲର୍ସ ସାମିଲ ହୋଇଛନ୍ତି। ଜିଲାର ୯୫୨୯ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ମଣ୍ଡିରେ ଏଫ୍ଏକ୍ୟୁ ଧାନକୁ ପ୍ରାୟ ୪ କେଜି କଟନି କରାଯାଉଥିବା ଯୋଗୁ କଲମପୁର ବ୍ଲକ ମଣ୍ଡଳ ମଣ୍ଡିରେ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ପ୍ୟାକ୍ସ ସମ୍ପାଦକ ସାଢେ ୩ କେଜି ଏଫ୍ଏକ୍ୟୁ ଧାନ ଉପରେ କଟନି କରିବା ପାଇଁ କହିଥିବା ନେଇ ସହ ସମ୍ପାଦକଙ୍କ ଫୋନ କଲ ରେକର୍ଡ ଚାଷୀମାନଙ୍କ ମଧ୍ୟରେ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାର ତଦନ୍ତ କରିବାକୁ ଚାଷୀ ମହଲରେ ଦାବି ହୋଇଛି। ଚଳିତ ଖରିଫ ଋତୁରେ କଲମପୁର ବ୍ଲକ ମଣ୍ଡଳ, କୋଟାଗାଁ, ବଲାଗାଁ, ମିନଗୁର ସମେତ ବହୁ ଅଞ୍ଚଳର ଚାଷୀଙ୍କ ଧାନବିକ୍ରି ନିମନ୍ତେ ପ୍ରଶାସନ ପକ୍ଷରୁ ମୁଖିଗୁଡା ନିୟନ୍ତ୍ରିତ ବଜାର କମିଟି ଜରିଆରେ ମଣ୍ଡି ଖୋଲାଯାଇଛି। ମଣ୍ଡଳ ସମବାୟ ସମିତି ଜରିଆରେ ଧାନ କିଣା ଯାଉଥିବା ବେଳେ ଏଠି ୭ଟି ମିଲର ମଣ୍ଡି ଟେଗ୍ ହୋଇଛନ୍ତି। ମିଲର୍ସମାନେ ଚାଷୀଙ୍କୁ ବସ୍ତା ଦେଉ ନ ଥିବା ବେଳେ ବସ୍ତାର ଓଜନ ନେଇ ମଧ ଠକେଇ ହେଉଥିବା ଅଭିଯୋଗ ହୋଇଛି। ଖାଲି ବସ୍ତାର ଓଜନ ୫୦୦ ରୁ ୬୦୦ ଗ୍ରାମ ଥିବା ବେଳେ ଏହାକୁ ୧ କେଜି ୪୦୦ ଗ୍ରାମ ଓଜନ ଦର୍ଶାଇ କାଟୁଛନ୍ତି। ଏଠାରେ କୁଇଣ୍ଟାଲ ବସ୍ତା ଲୋଡିଂ ପାଇଁ ୧୦ ଟଙ୍କା ଥିବା ବେଳେ ଶ୍ରମିକଙ୍କୁ ୮ ଟାଙ୍କା ଦିଆଯାଉଥିବା ଅଭିଯୋଗ ହୋଇଛି। ଫଳରେ ମଣ୍ଡିରେ କାମ କରୁଥିବା ଶ୍ରମିକ ଶୋଷଣ ହେଉଛନ୍ତି। ଅନ୍ୟପକ୍ଷରେ ସାଧାରଣ ଧାନକୁ ୮ କେଜିରୁ ୧୦ କେଜି କଟନି କରୁଛନ୍ତି। ଚାଷୀଙ୍କ ଟୋକନକୁ ନେଇ ମଣ୍ଡିରେ ଦଲାଲମାନେ ସକ୍ରିୟ ଥିବା ଯୋଗୁ ପ୍ରକୃତ ଚାଷୀମାନେ ମଣ୍ଡିକୁ ଆସି ଦହଗଞ୍ଜ ହେବାକୁ ଉଚିତ ମନେ କରୁନାହାନ୍ତି। ଜିଲା ପ୍ରଶାସନ ତୁରନ୍ତ ମଣ୍ଡିରେ ହେଉଥିବା ଅନିୟମିତତାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି। ବିଭିନ୍ନ ମଣ୍ଡିରେ କଟନିଛଟନି ହେଉଥିବା ଓ ଖାଲି ବସ୍ତାର ପ୍ରକୃତ ଓଜନଠାରୁ ଅଧିକା ଓଜନ କାଟି ରଖାଯାଉଥିବା ଅଭିଯୋଗକୁ ଦୃଷ୍ଟିରେ ରଖି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ବିଭିନ୍ନ ଅଧିକାରୀଙ୍କୁ ଧାନମଣ୍ଡିଗୁଡ଼ିକୁ ପରିଦର୍ଶନ କରି ଚାଷୀମାନଙ୍କ ଅଭିଯୋଗକୁ ସେଠାରେ ହିଁ ସମାଧାନ ପାଇଁ ଗତ ୨୯।୧୨।୨୦୨୦ ଚିଠି ନଂ.୨୪୫୧/ସିଏସ୍ ଦ୍ୱାରା ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ସମସ୍ତ ଅଧିକାରଙ୍କୁ ସବୁ ମଣ୍ଡି ପରିଦର୍ଶନ କରି ତୁରନ୍ତ ତାହାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଯଦି କିଣାବିକାରେ କୌଣସି ଦୋଷତ୍ରୁଟି ପରିଲକ୍ଷୀତ ହୁଏ ତାହାହେଲେ ତୁରନ୍ତ ଉକ୍ତ ମିଲର୍ସ, ଏଜେଣ୍ଟ ଏବଂ ପିପିସିର କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ମଣ୍ଡିରେ ଜମା ହୋଇ ରହିଥିବା ଧାନ ବସ୍ତା।

## କଟ୍‌ନୀଛଟ୍‌ନୀ ନେଇ ବିଡିଓଙ୍କଠାରେ ଅଭିଯୋଗ



**ମିଲର୍ସଙ୍କ ମନମୁଖିକୁ ନେଇ ଚାଷୀଙ୍କ ଅସନ୍ତୋଷ**

ବିଡିଓଙ୍କ ସହ ଚାଷୀମାନେ ଆଲୋଚନା କରୁଛନ୍ତି।

**କେସିଙ୍ଗା, ୫।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କାଣ୍ଡେଲ ପ୍ରାଥମିକ କୃଷି ସମିତି ଲିଃ ମଣ୍ଡିରେ ଧାନ କଟନିଛଟନିକୁ ନେଇ ବିଡିଓଙ୍କ ନିକଟରେ ମଙ୍ଗଳବାର ଚାଷୀମାନେ ଅଭିଯୋଗ କରିଛନ୍ତି। ସନ୍ଧ୍ୟାରେ ବିଡିଓ ପହଞ୍ଚି ଚାଷୀ, ମିଲର୍ସଙ୍କ ସହିତ ଆଲୋଚନା କରିବା ପରେ ମଣ୍ଡିରୁ ଧାନ ଉଠିଥିଲା। କାଣ୍ଡେଲ, ସିରୋଲ, ବାଲସି ୩ଟି ମଣ୍ଡିରେ ଧାନ କିଣିବା ପାଇଁ କେସିଙ୍ଗାର ୬ଟି ରାଇସ ମିଲର୍ସଙ୍କୁ ନିୟୋଜିତ କରାଯାଇଛି। ଏହି ୩ଟି ଧାନ ମଣ୍ଡିରୁ ୨୬୩ ଜଣ ଚାଷୀଙ୍କଠାରୁ ୧୪ ହଜାର ୯୦୬. ୭୨ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ପ୍ରତ୍ୟେକ ମିଲର୍ସ ୭ କେଜି ଧାନ ଏଜେଣ୍ଟମାନେ କାଟି ନେଉଛନ୍ତି। ପ୍ରତିବାଦ କଲେ ଏଜେଣ୍ଟମାନେ ଚାଷୀଙ୍କୁ ହଇରାଣ କରୁଛନ୍ତି। ଏହି ୩ଟି ଧାନ ମଣ୍ଡିରୁ କାଣ୍ଡେଲ ପ୍ରାଥମିକ କୃଷି ସମିତି ଲିଃ ଦ୍ୱାରା ଧାନକ୍ରୟ କରାଯାଉଛି। ଅଖା ବସ୍ତା ପ୍ରତି ଏକ କେଜି, ଜରି ବସ୍ତା ପ୍ରତି ୪୦୦ ଗ୍ରାମର ଓଜନକୁ ମଧ ଏକ କେଜି ଲେଖାଏଁ କଟନି କରାଯାଉଛି। ମିଲର୍ସଙ୍କ ଇଙ୍ଗିତରେ ଏଜେଣ୍ଟ, ସମିତି ସମ୍ପାଦକ ଓ ଆରଏମସି କର୍ମଚାରୀଙ୍କ ମଧୁଚନ୍ଦ୍ରିକାରେ ଚାଷୀଙ୍କଠାରୁ କୁଇଣ୍ଟାଲ ପ୍ରତି ୭ରୁ ୮ କେଜି ଧାନ କଟାଯାଉଛି। ଏହାକୁ ପ୍ରତିବାଦ କରି ଚାଷୀମାନେ କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଅଗ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ କାଣ୍ଡେଲ ପ୍ରାଥମିକ କୃଷି ସମିତି ଲିଃର ଇନଚାର୍ଜ ଭୁବନେଶ୍ୱର ମାଝି ଧାନ କଟନି ଛଟନି ବିଷୟରେ ମୁଁ ଜାଣି ନାହିଁ ବୋଲି କହିଥିଲେ। ଚାଷୀଙ୍କ ଏହି ସମସ୍ୟା ଖବର ପାଇ ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ।

## ବୁର୍ଡା ପ୍ୟାକ୍ସ: ଉଠିପାରୁନି ଧାନ

**ଲୋଇସିଂହା,୫।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ପ୍ୟାକ୍ସରେ ଧାନ କିଣାବିକାରେ ଶୀଥିଳତା ଦେଖାଦେଇଛି। ମଣ୍ଡିକୁ ଚାଷୀମାନେ ଆଣୁଥିବା ଧାନ ଉଠି ପାରୁନାହିଁ। ମିଲର୍ସ ଧାନ କିଣିବା ପାଇଁ କାଁଭାଁ ଗାଡି ପଠାଉଥିବାରୁ ଚାଷୀଙ୍କ ଧାନ ପଡି ରହିଛି। ବୁର୍ଡା, ବାଙ୍ଗିପାଲି, ସିଆଳବାହାଲି, ବୁଢ଼ୀପଦର, ପନେସରା, ଟେଭାଡୁଙ୍ଗରୀ, ଗୋପାଳପୁର, ଡୋଲମହୁଲ ପ୍ରଭୃତି ଗ୍ରାମକୁ ନେଇ ଗଠିତ ବୁର୍ଡା ପ୍ୟାକ୍ସରେ ଖରିଫ ଧାନବିକ୍ରି ପାଇଁ ୩୮୬ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଅର୍ଣ୍ଣପୂର୍ଣ୍ଣା, ଗଜାନନ, ମହିମା, ଶଙ୍କର ଏପରି ୫ ମିଲର୍ସ ଧାନ ଉଠାଇବା ସକାଶେ ସହବନ୍ଧିତ ହୋଇଛନ୍ତି। ମଣ୍ଡିକୁ ଧାନକିଣା ସକାଶେ ଦ୍ୱିତୀୟ ପର୍ଯ୍ୟାୟ ଟାର୍ଗେଟ ଦିଆଗଲାଣି। ହେଲେ ପ୍ରଥମ ପର୍ଯ୍ୟାୟର ଧାନକିଣା ଧାର୍ଯ୍ୟ ଲକ୍ଷ୍ୟ ମିଲର୍ସମାନେ ହାସଲ କରିପାରି ନାହାନ୍ତି। ସୋମବାର ସନ୍ଧ୍ୟାରେ ଜଣେ ମିଲର୍ସ ଗୋଟିଏ ଗାଡି ପଠାଇବାରୁ ୩ ଶହ ପ୍ୟାକେଟ ଧାନ ଉଠିଥିଲା । ମଙ୍ଗଳବାର ଅପରାହ୍ନ ସୁଦ୍ଧା ଗୋଟିଏ ମଧ୍ୟ ଗାଡି ଆସି ନ ଥିଲା । ଫଳରେ ମଣ୍ଡିରେ ୧୨ରୁ ଅଧିକ ଚାଷୀଙ୍କ ୧୩ଶହ ପ୍ୟାକେଟ ଧାନ ପଡିରହିଛି। ଜାନୁୟାରୀ ପ୍ରଥମ ସପ୍ତାହ ବିତିବାକୁ ବସିଥିଲେ ସୁଦ୍ଧା ଡିସେମ୍ବର ମାସର ଟୋକନ ପାଇଥିବା ଚାଷୀ ଧାନବିକ୍ରି କରି ନ ପାରି ହଟହଟା ହେଉଥିବା ଅଭିଯୋଗ କରିଛନ୍ତି। ପ୍ୟାକ୍ସରେ ଧାନକିଣା ଅନୁବନ୍ଧିତ ମିଲର୍ସଙ୍କ ମଧ୍ୟରୁ ଅର୍ଣ୍ଣପୂର୍ଣ୍ଣା ୧ ହଜାର କୁଇଣ୍ଟାଲରୁ ୬୧୨ କୁଇଣ୍ଟାଲ, ଗଜାନନ ୩ ହଜାର କୁଇଣ୍ଟାଲରୁ ୧୯ଶହ କୁଇଣ୍ଟାଲ, ମହିମା ୧ ହଜାର କୁଇଣ୍ଟାଲରୁ ୫୭୦ କୁଇଣ୍ଟାଲ ଉଠାଇଛି। ଶଙ୍କର ମିଲର୍ସକୁ ୨ହଜାର କୁଇଣ୍ଟାଲ ଟାର୍ଗେଟ ଉଠାଇବାକୁ ଦିଆଯାଇଛି । ହେଲେ ଗୋଟିଏ ବି ଗାଡି ପଠାଇ ନଥିବା ପ୍ୟାକ୍ସ ସୂତ୍ରରୁ ପ୍ରକାଶ । ଉଲ୍ଲେଖଯୋଗ୍ୟ ଯେ, ପ୍ୟାକ୍ସକୁ ପ୍ରଥମ ପର୍ଯ୍ୟାରେ ୯ ହଜାର ୪ଶହ କୁଇଣ୍ଟାଲ ଧାନକିଣା ଟାର୍ଗେଟ ଦିଆଯାଇଛି । ସେଥିରୁ ୧୨୦ ଜଣ ଚାଷୀଙ୍କଠାରୁ ୫୪୭୯ କୁଇଣ୍ଟାଲ ଧାନ କିଣାଯାଇଛି ।

## ରାଜ୍ୟରେ ଅନୁସୂଚିତ ଜାତି ଉପେକ୍ଷିତ: ବିଭୁ ତରାଇ

**ସମ୍ବଲପୁର,୫।୧(ବ୍ୟୁରୋ)**

ରାଜ୍ୟରେ ଅନୁସୂଚିତ ଜାତି ଉପେକ୍ଷିତ ହେଉଛନ୍ତି। ବିଶେଷକରି ଛାତ୍ରୀଛାତ୍ରମାନେ। ନିଯୁକ୍ତି କ୍ଷେତ୍ରରେ ୧୬ ପ୍ରତିଶତ ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ରାଜ୍ୟରେ ଭିଜିଲାନ୍ସ ଆଣ୍ଡ ମନିଟରିଂ କମିଟି ଓ ଷ୍ଟେଟ ସିଡ୍ୟୁଲ କାଷ୍ଟ ୱେଲ୍‌ଫେୟାର ବୋର୍ଡର ବୈଠକ ହେଉନାହିଁ। ଅନୁସୂଚିତ ଜାତିର ସାମାଜିକ ଓ ଆର୍ଥିକ ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ବାଧକ ସାଜିଛନ୍ତି। କଚେରି ରୋଡସ୍ଥିତ ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନୁସୂଚିତ ଜାତି ଭାଜପା ରାଜ୍ୟ ସଭାପତି ବିଭୁ ତରାଇ ଏହା କହିଛନ୍ତି। ସେ ଆହୁରି କହିଥିଲେ, କେନ୍ଦ୍ର ସରକାର ଅନୁସୂଚିତ ଜାତିଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ବୃତ୍ତି ବ୍ୟବସ୍ଥା କରିଛନ୍ତି। ହେଲେ ରାଜ୍ୟ ସରକାର ସେମାନଙ୍କ ଅଂଶ ଦେଇ ନ ଥିବା ଯୋଗୁ ପିଲାମାନେ ବୃତ୍ତି ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ଭାଜପା ସଭାପତି ଗିରିଶ ପଟେଲ, ମିଡିଆ ପ୍ରଭାରୀ ମାନସ ରଞ୍ଜନ ବକ୍ସି, ପୂର୍ବତନ କାଉନସିଲର ନୀଳାମ୍ବର ସିକନ୍ଦର ଉପସ୍ଥିତ ଥିଲେ।

## ଥାନା ଆଗରେ ବିକ୍ଷୋଭ

**ବରଗଡ଼ ଅଫିସ୍/ସରଣ୍ଡା,୫।୧**

ବରଗଡ଼ ନଗର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଟାଉନ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ମନ୍ତ୍ରୀ ପ୍ରତାପ ଜେନାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ମାହାଙ୍ଗାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବରିଷ୍ଠ ଭାଜପା ନେତା କୁଳମଣି ବରାଳ ଓ ତାଙ୍କ ସାଥୀଙ୍କୁ ହତ୍ୟା ପ୍ରତିବାଦ ତଥା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଭାଜପା ନଗର ଯୁବମୋର୍ଚ୍ଚା ସଭାପତି ଦିପକ ମିରୱାନୀଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଭାଜପା ନେତା ଅଶ୍ୱିନୀ ଷଡ଼ଙ୍ଗୀ, ରବି ନାରାୟଣ ଦାଶ, ପ୍ରୀତମ ସିଂ, ସୁବ୍ରତ ହୋତା, ଅମିତ ପଣ୍ଡା, ପରିକ୍ଷୀତ ଛତର ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଅତାବିରା ଥାନା ଆଗରେ ଭାଜପା ନେତା କୁଶ କୁମ୍ଭାରଙ୍କ ନେତୃତ୍ୱରେ ଅନୁରୂପ ବିକ୍ଷୋଭ ହୋଇଥିବା ସରଣ୍ଡା ପ୍ରତିନିଧି ସୂଚନା ଦେଇଛନ୍ତି । ଏଥିରେ ଅତାବିରାର ବହୁସଂଖ୍ୟକ ଭାଜପା କର୍ମୀ ଉପସ୍ଥିତ ଥିଲେ ।

## ବିକ୍ଷୋଭ ପ୍ରଦର୍ଶନ, କୁଶପୁତ୍ତଳିକା ଦାହ



ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ କରାଯାଉଛି ।

**ସମ୍ବଲପୁର,୫।୧(ବ୍ୟୁରୋ)**

କଟକ ଜିଲା ମାହଙ୍ଗା ବ୍ଲକର ନୂଆଗାଁରେ ଭାଜପା ନେତା କୁଳମଣି ବରାଳ ଓ ଦିବ୍ୟସିଂହ ବରାଳଙ୍କୁ ହତ୍ୟା କରାଯାଇଛି। ଏହି ହତ୍ୟାକାଣ୍ଡରେ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ସମେତ ୧୨ ଜଣଙ୍କ ସମ୍ପୃକ୍ତି ରହିଛି। ତେଣୁ ମନ୍ତ୍ରୀ ଜେନାଙ୍କୁ ଗିରଫ କରାଯାଉ ବୋଲି ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ କହିଛନ୍ତି। ମଙ୍ଗଳବାର ଭାଜପା ଜିଲା ଯୁବ ମୋର୍ଚ୍ଚା ପକ୍ଷରୁ ଟାଉନ ଥାନା ସମ୍ମୁଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ଦଳୀୟ କର୍ମକର୍ତ୍ତା ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିବା ସହ ମନ୍ତ୍ରୀ ଜେନାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ଅବସରରେ ବିଧାୟକ ଜୟନାରାୟଣ ମିଶ୍ର କହିଥିଲେ, ଶାସକ ଦଳର ନେତା ଓ କର୍ମକର୍ତ୍ତା ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ରହୁଛନ୍ତି। ହେଲେ ସରକାର ସେମାନଙ୍କୁ ପ୍ରଶ୍ରୟ ଦେଉଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡି ପଡିଛି। ରାଜନୈତିକ ହିଂସା ବୃଦ୍ଧି ପାଇଛି। ପ୍ରତିଶୋଧ ପରାୟଣ ହୋଇ ହତ୍ୟା କରାଯାଉଛି। ଓଡ଼ିଶା ବଙ୍ଗଳାଠାରୁ ବଳିଗଲାଣି। ଲୋକଙ୍କୁ ସୁରକ୍ଷା ଦେବାକୁ ଭାଜପା ସବୁ ପ୍ରୟାସ ଜାରି ରଖିବ। ଜନ ସଚେତନତା କରି ରାଜ୍ୟ ସରକାରଙ୍କ ଅସଲ ମୁଖା ଖୋଲିବ। ଏକ ଅଦୃଶ୍ୟ ଶକ୍ତି ଦ୍ୱାରା ସରକାର ପରିଚାଳିତ ହେଉଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ସଭାପତି ଗିରିଶ ପଟେଲ, ବିଭୁ ତରାଇ, ଅଶ୍ୱିନୀ ମାଝି, ଅନୀଲ ବେହେରା, ମାନସ ରଞ୍ଜନ ବକ୍ସି ପ୍ରମୁଖ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

**ଆଇନମନ୍ତ୍ରୀଙ୍କ ଗିରଫ ଦାବି**

## ଝାରସୁଗୁଡ଼ା ପୌରାଞ୍ଚଳ: ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ



ବୈଠକରେ ଉପସ୍ଥିତ ମନ୍ତ୍ରୀ ନବ କିଶୋର ଦାସ ଓ ଅନ୍ୟମାନେ।

**ଲଖନପୁର,୫।୧(ଡି.ଏନ୍.ଏ.)**

ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସଭାଗୃହରେ ମଙ୍ଗଳବାର ଝାରସୁଗୁଡା ପୌରାଞ୍ଚଳର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ଉପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବାସିନ୍ଦା ବିଭିନ୍ନ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମୁଦାୟ ୨୪ ୱାର୍ଡ ମଧ୍ୟରୁ ପ୍ରଥମ ଦିନରେ ୧୨ ୱାର୍ଡର ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଅବଶିଷ୍ଟ ୧୨ ୱାର୍ଡର ସମୀକ୍ଷା ଶନିବାର କରାଯିବ ବୋଲି ଜଣାପଡିଛି। ପାନୀୟଜଳ, ରାସ୍ତାଘାଟ, ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ, ପିଡିଏସ୍ ଆଦି ମୌଳିକ ସେବା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହାର ସମାଧାନ ଦିଗରେ ମନ୍ତ୍ରୀ ଦାସ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମନ୍ତ୍ରୀ ଦାସ, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଉପଜିଲାପାଳ ଶିବ ଟପ୍ପୋ, ପୌରନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନ, ଯନ୍ତ୍ରୀ ମନୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ସନ୍ଦିପ ଅଗସ୍ତୀ, ରାଜୁ ପାଣିଗ୍ରାହୀ, ପିଣ୍ଟୁ ପାଢ଼ୀ, ପବନ ସିଂ ଯାଦବ, ପ୍ରତାପ ନନ୍ଦ, ମଦନ ହାତୀ, ସିଦ୍ଧାର୍ଥ ସରକାର ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମାନୁଷ୍ଠାନ ଖୋଲିବା ଅନୁମତି ଦେଲେ ପ୍ରଶାସନ

**ବଲାଙ୍ଗୀର ଅଫିସ, ୫।୧**

ମଙ୍ଗଳବାରଠାରୁ ବଲାଙ୍ଗୀର ଜିଲାର ଧାର୍ମିକ ଅନୁଷ୍ଠାନ ଯଥା ମନ୍ଦିର, ଗୀର୍ଜା, ମସଜିଦ୍, ଗୁରୁଦ୍ୱାରା ଖୋଲିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଛି। ଜିଲାପାଳ କାର୍ଯ୍ୟାଳୟ ଜରୁରୀ ଶାଖା ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶାବଳୀରେ ଧାର୍ମିକ ଅନୁଷ୍ଠାନ ଖୋଲିବା ତଥା ସେଠାରେ ଜନସାଧାରଣ ଦର୍ଶନ ଓ ଉପାସନା କରିବା ବେଳେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର (ଏସ୍‌ଓପି) ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମା ପରେ ଦୀର୍ଘ ସାଢ଼େ ୯ ମାସ ହେଲା ଜନସାଧାରଣଙ୍କ ଦର୍ଶନ ଓ ଉପାସନା ପାଇଁ ବନ୍ଦ ରହିଥିବା ଧାର୍ମିକ ଅନୁଷ୍ଠାନଗୁଡିକ ଖୋଲିବ । ଲୋକେ ଧାର୍ମିକ ଅନୁଷ୍ଠାନ ଗଲାବେଳକୁ ମାସ୍କ ପରିଧାନ, ୬ ଫୁଟ୍‌ର ସାମାଜିକ ବା ଶାରୀରିକ ଦୂରତ୍ୱ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଏହାସହିତ ସପ୍ତାହରେ ଗୋଟିଏ ଦିନ ଧର୍ମାନୁଷ୍ଠାନଗୁଡିକ ବନ୍ଦ ରହିବ ଓ ସାନିଟାଇଚେସନ୍ କରାଯିବ। କୌଣସି ଧାର୍ମିକ ଅନୁଷ୍ଠାନ ଭିତରେ ପ୍ରସାଦ ସେବନକୁ ବାରଣ କରାଯାଇଥିବାବେଳେ ଭକ୍ତମାନେ ଦେବାଦେବୀଙ୍କ ମୂର୍ତ୍ତିକୁ ନ ଛୁଇଁବାକୁ କୁହାଯାଇଛି। ଏହା ସହିତ ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକ, ୧୦ ବର୍ଷରୁ ତଳ ବୟସ୍କ ପିଲାଛୁଆ, ଗର୍ଭବତୀ ମହିଳା ଏବଂ ସଂକ୍ରମଣ ରୋଗପ୍ରତି ସମ୍ବେଦନଶୀଳ ବ୍ୟକ୍ତି ମନ୍ଦତର ଭିତରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ଏହା ସହିତ ଧର୍ମାନୁଷ୍ଠାନ ପ୍ରବେଶ ପଥ ଓ ପ୍ରସ୍ଥାନ ପଥ ଅଲଗା ଚିହ୍ନଟ, ଭକ୍ତଙ୍କ ପରିଚାଳନା ପାଇଁ ବାରିକେଡ, ପ୍ରବେଶ ପଥରେ ଥର୍ମାଲ ସ୍କାନିଂ କରି ଭକ୍ତଙ୍କୁ ପ୍ରବେଶ କରାଯିବା ନେଇ ପରାମର୍ଶ ଦିଆଯାଇଛି। ମନ୍ଦିର ପୂଜକ ଓ ଟ୍ରଷ୍ଟ ତଥା କମିଟି ପ୍ରତିନିଧିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏହି ନିୟମକୁ କଡାକଡି ଭାବେ ପାଳନ କରାଯିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୁଚାରୁରୂପେ ଧାର୍ମିକ ଅନୁଷ୍ଠାନ ଖୋଲିବା, ଜନସାଧାରଣଙ୍କ ସୁଗମ ଦର୍ଶନ ଓ ଉପାସନା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି । ଏନେଇ ପ୍ରଶାସନ ପକ୍ଷରୁ ନଜର ଦେବାକୁ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। କୌଣସି ବ୍ୟକ୍ତି ନିର୍ଦ୍ଦେଶନାମ ଖିଲାପ କଲେ ତାଙ୍କ ଉପରେ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

**ବଲାଙ୍ଗୀର ଜିଲା**

- କୋଭିଡ ଗାଇଡଲାଇନ୍, ଏସଓପି ପାଳନ ନିର୍ଦ୍ଦେଶ ଦେଲେ
- ସପ୍ତାହରେ ଥରେ ବନ୍ଦ ରହିବ ଧର୍ମାନୁଷ୍ଠାନ
- ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ପାଳନ ଜରୁରୀ
- ଧର୍ମାନୁଷ୍ଠାନ ଭିତରେ ହେବନାହିଁ ପ୍ରସାଦ ସେବନ ।
- ଦେବଦେବୀ ମୂର୍ତ୍ତି ଛୁଇଁବା ମନା
- ବୟସ୍କ, ଛୋଟପିଲା, ଗର୍ଭବତୀଙ୍କୁ ମନ୍ଦିର ମନା

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୬ ଜାନୁୟାରୀ, ୨୦୨୧



## ନାବାଳକ ନିଖୋଜ ନେଇ ଥାନାରେ ମାମଲା

ବ୍ରଜରାଜନଗର(ଡି.ଏନ.ଏ.):ବ୍ରଜରାଜନଗର ଥାନା ଅନ୍ତର୍ଗତ ଗଙ୍ଗାନଗର ବସ୍ତିରୁ ଗତ ୧ ତାରିଖଠାରୁ ଜଣେ ୧୨ ବର୍ଷର ନାବାଳକ ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଞ୍ଚଳର ନାବାଳକ ୪ମାସ ହେଲା ଏଠାରେ ରହୁଥିବା ତାଙ୍କ ବାପାଙ୍କ ପାଖରେ ରହିଆସୁଥିଲେ। ବସ୍ତିରେ କେହି ତାକୁ ମାଡ଼ ମାରିଥିବାବେଳେ ଭୟରେ ସେ କୁଆଡେ ଚାଲିଯାଇଥିବା ନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୧୦/୨୧) ରୁଜୁ କରି ଅନୁସନ୍ଧାନ ଚଳାଇଥିବା ଆଇଆଇସି ନଳିତା ମୋଦି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଭାଜପାର ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର

**ରିଆମାଳ, ୫।୧(ଡି.ଏନ୍.ଏ):** ଦେବଗଡ ଜିଲା ଭାଜପାର ରିଆମାଳ ସଦର ମହକୁମାସ୍ଥିତ କଲ୍ୟାଣମଣ୍ଡପଠାରେ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀ, ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସାହୁ, ଜିଲା ସଭାପତି ମୀନକେତନ ପ୍ରଧାନ ଯୋଗଦେଇଥିଲେ। ପୂର୍ବତନ ମଣ୍ଡଳ ସଭାପତି ଶରତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ମୀନକେତନ ପ୍ରଧାନ ଭାଜପାର ଇତିହାସ ଓ ବିକାଶ, ଅରୁଣ କୁମାର ସାହୁ ଭାଜପା ଓ ଆମ ଦାୟିତ୍ୱ, ବିଧାୟକ ପାଣିଗ୍ରାହୀ ରାଜନୈତିକ ସଂରଚନା ଓ ସଂଗଠନ ଉପରେ ଆଲୋକପାତ କରିଥିଲେ। ସଂଗଠନକୁ ବୁଥସ୍ତରରୁ ମଜଭୁତ କରିବାକୁ ସେ କର୍ମୀମାନଙ୍କୁ ବୁଝାଇଥିଲେ। ଏହ ଶିବିରରେ ୧୩ ପଞ୍ଚାୟତରୁ ୧୫୦ଜଣରୁ ଅଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ପର୍ଶୁରାମ ଗଡନାୟକ, ପ୍ରକାଶ କୁମାର ଆଚାର୍ଯ୍ୟ, ନରେଶ ନାଥ, ଯୁବନେତା ମୁନ୍‌ସୁନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମଣ୍ଡଳ ସାଧାରଣ ସମ୍ପାଦକ ବୀରେନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ଆଇନ ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ବିକ୍ଷୋଭ

**ଦେବଗଡ, ୫।୧(ଡି.ଏନ.ଏ):** ମାହାଙ୍ଗାର ଭାଜପା ନେତା କୁଳମଣି ବରାଳଙ୍କୁ ହତ୍ୟା କରାଯିବା ପ୍ରତିବାଦରେ ମଙ୍ଗଳବାର ଦେବଗଡ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆଦର୍ଶ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଭୁଡିଆ ଓ ନଗର ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ସୁରଜ ଘଡେଇଙ୍କ ନେତୃତ୍ୱରେ ଭାଜପା ଯୁବମୋର୍ଚ୍ଚା ନେତା ଓ କର୍ମୀ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ । ପରେ ମାହାଙ୍ଗା ବିଧାୟକ ତଥା ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ବଲପୁର ଏମ୍‌ପିଙ୍କ ଜିଲା ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, ଜିଲା ଭାଜପା ଉପସଭାପତି ସତ୍ୟ ନାରାୟଣ ପାଣି, ମହେଶ୍ୱର ପାଣି, ପୂର୍ବତନ ନଗର ସଭାପତି ରମଣୀ କାନ୍ତ ଦାଶ, ସରୋଜ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

### ପୂର୍ବତନ ଭିଜିଲାନ୍ସ ଡିଏସ୍‌ପିଙ୍କ ପରଲୋକ

**ସମ୍ବଲପୁର, ୫।୧ (ବ୍ୟୁରୋ):** ପୂର୍ବତନ ଭିଜିଲାନ୍ସ ଡିଏସ୍‌ପି ଜି. ନାଗେଶ୍ୱର ରାଓଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ହୋଇଥିଲା। ଅବିଭକ୍ତ ସମ୍ବଲପୁର ଜିଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟକରି ସେ ୨୦୦୦ ମସିହାରେ ଅବସର ଗ୍ରହଣ କରିଥିଲେ। ମଙ୍ଗଳବାର ପୂର୍ବାହ୍ନ ୯ଟାରେ କମଳୀବଜାର ରାଜଘାଟଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନ ପୁଅ ଜି. ଗୌରୀଶଙ୍କର ମୁଖାଗ୍ନି ଦେଇଥିଲେ। ସମ୍ବଲପୁର ମହାନଗର ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ଜନସାଧାରଣ ଅଇଁଠାପାଲିସ୍ଥିତ ବାସଭବନକୁ ଆସି ତାଙ୍କ ଶେଷ ଦର୍ଶନ କରିଥିଲେ।

### ଏସ୍‌ଏମ୍‌ସି କମିଶନରଙ୍କ ପିତୃ ବିୟୋଗ

**ସମ୍ବଲପୁର, ୫।୧(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନଙ୍କ ପିତା ସନ୍ତୋଷ ପ୍ରଧାନଙ୍କ ୭୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ କିଛିଦିନ ପୂର୍ବରୁ ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ତାଙ୍କ ପୈତୃକ ଗ୍ରାମ ଝାରସୁଗୁଡା ଜିଲା ଲଖନପୁର ଧାରୁପଡାଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। କମିଶନର ପ୍ରଧାନଙ୍କ ସମେତ ପରିବାର ଓ ପରିଜନ ଉପସ୍ଥିତ ରହିଥିଲେ।

### ପ୍ରତାପ ଜେନାଙ୍କୁ ଗିରଫ ଦାବି

**ବ୍ରଜରାଜନଗର,୫।୧(ଡି.ଏନ.ଏ.):** ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଗିରଫ ଦାବିରେ ବ୍ରଜରାଜନଗର ଭାଜପା ପକ୍ଷରୁ ଥାନା ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଛି। ପୂର୍ବରୁ ରେଳ ଷ୍ଟେଶନଠାରୁ ଏକ ଶୋଭାଯାତ୍ରା ବାହାରି ଥାନା ପର୍ଯ୍ୟନ୍ତ ଯାଇଥିଲା। ଏହି ସମୟରେ କର୍ମକର୍ତ୍ତା ମନ୍ତ୍ରୀ ଜେନା ଓ ବିଜେଡି ବିରୋଧରେ ନାରାବାଜି ଦେଇଥିଲେ। କାର୍ଯ୍ୟକ୍ରମରେ ୩୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ସାମିଲ ଥିଲେ।

# କୁଚିଣ୍ଡାରେ ତାତିଲେ ଚାଷୀ

**କୁଚିଣ୍ଡା, ୫।୧ (ଡି.ଏନ.ଏ.)**



ଉପଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଥିବା ଚାଷୀମାନେ।

**ଉପଜିଲାପାଳଙ୍କ ଅଫିସ ଆଗରେ ଢ଼ାଳିଲେ ଧାନ**

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ଧାନ ସଂଗ୍ରହରେ ଅବ୍ୟବସ୍ଥା ଚରମ ସୀମାରେ ପହଞ୍ଚିଛି। ପ୍ରାୟ ଅଢ଼େଇଲକ୍ଷ ପ୍ୟାକେଟ ଧାନ ବିଭିନ୍ନ କେନ୍ଦ୍ରରେ ଖୋଲା ଆକାଶ ତଳେ ପଡିରହିଛି। ଟାର୍ଗେଟ ଅଭାବ ଯୋଗୁ ଧାନ ସଂଗ୍ରହ ହୋଇପାରୁ ନ ଥିବା ଲ୍ୟାମ୍ପ ଓ ପ୍ୟାକ୍ସ ଅଧିକାରୀମାନେ କହୁଛନ୍ତି। ଅନ୍ୟପଟେ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଉଥିଲେ ବି ଧାନ ସଂଗ୍ରହ କରାଯାଉ ନାହିଁ। ଏଥିରେ ଚାଷୀମାନେ ଅସନ୍ତୋଷ ପ୍ରକାଶ କରି ମଙ୍ଗଳବାର ଉପଜିଲାପାଳଙ୍କ ଅଫିସ ମୁଖ୍ୟ ଗେଟ ଆଗରେ ଧାନ ବସ୍ତା ଢ଼ାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟ୍ରାକ୍ଟର ଓ ଟ୍ରକରେ ଆଣିଥିବା ଧାନ ବସ୍ତାକୁ ଢ଼ାଳି ଧାରଣାରେ ବସିଥିଲେ। କିଛିସମୟ ପରେ ଉପଜିଲାପାଳ ବିଶ୍ୱରଞ୍ଜନ ନାୟକଙ୍କ ସହିତ ଯୋଗାଣ ବିଭାଗ ଅଧିକାରୀ ଓ ପୋଲିସ ପହଞ୍ଚିଥିଲେ। ଅଧିକାରୀ ଓ ଚାଷୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଶେଷରେ ୧୨ଶହ କୁଇଣ୍ଟାଲ ଧାନର ଟାର୍ଗେଟ ଦିଆଯିବାକୁ ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଥିରେ ଚାଷୀମାନେ ରାଜି ହୋଇ ନ ଥିଲେ। ୮ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ଦିଆଯାଉ ବୋଲି ଜିଦ୍ ଧରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ସେମାନେ ଶୀତ କାକରରେ ଧାରଣାରେ ବସିଥିବା ଜଣାପଡିଛି। ଜାନୁ ନାୟକ, ଲିପୁନ ସାହୁ, ମନିଷ ତିୱାରୀ, ଶିବ ପଟେଲଙ୍କ ସମେତ ପ୍ରାୟ ୪୦ଜଣ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ଆସିଲାନି ଟାର୍ଗେଟ, ଆଜି ରାସ୍ତାରୋକୋ

**ସମ୍ବଲପୁର,୫।୧(ବ୍ୟୁରୋ)**

ସମ୍ବଲପୁର ଜିଲାରେ ଧାନ ସଂଗ୍ରହ ହୋଇପାରୁ ନ ଥିବାରୁ ଜିଲା ଭାଜପା ପକ୍ଷରୁ ବୁଧବାର ରାସ୍ତାରୋକୋ କରିବାକୁ ଘୋଷଣା କରିଛି। ଭାଜପା ପକ୍ଷରୁ ଅଭିଯୋଗ ହୋଇଛି ଯେ, ଜିଲାରେ ଧାନ ସଂଗ୍ରହରେ ଅବ୍ୟବସ୍ଥା ଲାଗିରହିଛି। ଧାନ ବିକ୍ରି କରିପାରୁ ନାହାନ୍ତି ଚାଷୀ। ଟୋକନ୍ ଥାଇ ମଧ୍ୟ ଟାର୍ଗେଟ ନ ଥିବାରୁ ଧାନ କିଣାଯାଇପାରୁ ନାହିଁ। ଜିଲା ପ୍ରଶାସନ ଓ ଯୋଗାଣ ବିଭାଗ ପାଖରେ ଅଭିଯୋଗ କଲେ ସେମାନେ ନିରୁପାୟ ଥିବା କହୁଛନ୍ତି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଟାର୍ଗେଟ ନ ଆସିଲେ ବୁଧବାର ରାସ୍ତାରୋକୋ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଟାର୍ଗେଟ ଆସି ନ ଥିବାରୁ ଜିଲାର ଜମନକିରା ବ୍ଲକ ଶଣ୍ଢପଥରଠାରେ ପୂର୍ବାହ୍ନ ୧୦ଟାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାତୀୟ ରାଜପଥ ଅବରୋଧ କରାଯିବ। ଆନ୍ଦୋଳନରେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଭାଜପା ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାଏକ, ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାଏକ, ଜିଲା ସଭାପତି ଗିରିଶ ପଟେଲ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ ପ୍ରମୁଖ କର୍ମକର୍ତ୍ତା ସାମିଲ ହେବାର ସୂଚନା ଦିଆଯାଇଛି।

# ସରକାରୀ, ଆଦିବାସୀ ଜମି ଜବରଦଖଲ
## ଘଟଣାସ୍ଥଳ ପରିଦର୍ଶନ କଲେ ଜୁଏଲ



ଏମ୍‌ପି ଜୁଏଲ ଓରାମ ଓ ଅନ୍ୟମାନେ ଜବରଦଖଲସ୍ଥଳ ପରିଦର୍ଶନ କରୁଛନ୍ତି ।

**କୁଆଁରମୁଣ୍ଡା,୫।୧(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଚାର୍ଡିହରିହରପୁର ସ୍ଥିତ ଆଧୁନିକ ମେଟାଲିକ୍ସକୁ ନିକଟରେ ଲିବର୍ଟି ହାଉସ ଅଧିଗ୍ରହଣ କରିଛି । ଅଧିଗ୍ରହଣ ପରେ ଏହି ସଂସ୍ଥା ବହୁ ସରକାରୀ, ଆଦିବାସୀ ଏବଂ ଜଙ୍ଗଲ ଜମିକୁ ଜବରଦଖଲ କରି ପାଚେରୀ ନିର୍ମାଣ କରୁଛି। ଏଭଳି ଅଭିଯୋଗ ହେବା ପରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ମଙ୍ଗଳବାର ଅପରାହ୍ନରେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏହି ସମୟରେ କୁଆଁରମୁଣ୍ଡା ତହସିଲ ରାଜସ୍ୱ ନିରୀକ୍ଷକ ଏମ୍‌ପି ଓରାମ୍‌ଙ୍କୁ ଜବରଦଖଲ ଜମି ସମ୍ବନ୍ଧରେ ନକ୍ସା ଦେଖାଇଥିଲେ। ପ୍ରାୟ ୫୦ ଏକର ସରକାରୀ, ଆଦିବାସୀ ଓ ଜଙ୍ଗଲ ଜମିକୁ କାରଖାନା କର୍ତ୍ତୃପକ୍ଷ ଜବରଦଖଲ କରିଥିବା ନେଇ ରାଜସ୍ୱ ନିରୀକ୍ଷକଙ୍କ ଠାରୁ ଓରାମ ଜାଣିବାକୁ ପାଇଥିଲେ। ଏହାପରେ କାରଖାନାର ନିଜସ୍ୱ କେତେ ଜମି ଅଛି, କେତେ ଜବରଦଖଲ କରିଛି, ଚାକିରୀ ଦେବା ନାଁରେ ଆଦିବାସୀଙ୍କ ଠାରୁ କେତେ ଜମି ନିଆଯାଇଛି ସେ ନେଇ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ସେ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ସୁନ୍ଦରଗଡ଼ ଜିଲାପାଳଙ୍କୁ ଅବଗତ କରାଇବେ ବୋଲି ଓରାମ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ସମୟରେ ସଞ୍ଜୀବ ପ୍ରତାପ ସିଂଦେଓ, ନିହାର ରାୟ, ଜଗବନ୍ଧୁ ବେହେରା, ହଳପାଣି ମାଝି, ଶଙ୍କର ପୂଛାରୀ, ରାଇସନ ତିର୍କୀ ଉପସ୍ଥିତ ଥିଲେ । ସରକାରୀ ଓ ଆଦିବାସୀଙ୍କ ଜମି ଜବରଦଖଲ ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।

# ମୃତ ଯୁବତୀଙ୍କ ପରିଚୟ ମିଳିଲା

**ସମ୍ବଲପୁର, ୫।୧(ବ୍ୟୁରୋ)**

**ସୁଇସାଇଡ୍ ନୋଟ୍‌ରେ ହୃଦୟସ୍ପର୍ଶୀ ଲେଖା**

୩ଦିନ ପରେ ସମ୍ବଲପୁର ବୁର୍ଲା ପିସି ବ୍ରିଜ ତଳୁ ମିଳିଥିବା ମୃତ ଯୁବତୀଙ୍କ ପରିଚୟ ପୋଲିସ ପାଇଛି। ଯୁବତୀ ଜଣକ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ଗଣ୍ଡପାଲି ଗ୍ରାମର ରିଙ୍କି ସାହୁ (୨୧)। ପୋଲିସ ତାଙ୍କ ବାପାଙ୍କଠାରୁ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ଏଥିରେ ଦର୍ଶାଯାଇଛି, 'ମନରେ ମାନସିକ ଚାପ ବହୁତ ରହିଛି। ତେଣୁ ଦୂରକୁ ଚାଲିଯାଉଛି। ମୁଁ ଯାହା କରିବାକୁ ଯାଉଛି ବହୁତ ଦୁଃଖ ଲାଗୁଛି। ଏପରି ମୁଁ କେଉଁ ପିଲା ସାଥିରେ ଭାଗି ପଳାଉଛି, ତାହା କେବେ ଭାବିବ ନାହିଁ। ବାପା ମୁଁ ବହୁତ ଦୁଃଖିତ। ଘରେ ସମସ୍ତେ ଭଲରେ ରହିବ, ମୋ ଚିନ୍ତା କରିବ ନାହିଁ। ମୁଁ ମୋ ପରିବାରକୁ ସବୁବେଳେ ମନେ ପକାଇବି।' ସୂଚନାଯୋଗ୍ୟ ଯେ, ବୁର୍ଲା ପୋଲିସ ପକ୍ଷରୁ ମିଳିଥିବା ଖବର ଅନୁସାରେ ଜାନୁୟାରୀ ୩ ତାରିଖ ମହାନଦୀ ପିସି ବ୍ରିଜ ତଳେ ରିଙ୍କିଙ୍କ ମୃତଦେହ ଜବତ ହୋଇଥିଲା। ହେଲେ ପରିଚୟ ମିଳିପାରି ନ ଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୧) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରଦିନ ପୋଲିସକୁ ମୃତଦେହ ପଡିଥିବା ସ୍ଥାନରୁ କିଛି ଦୂରରେ ଏକ ଭଙ୍ଗା ମୋବାଇଲ ଫୋନ ପାଇଥିଲା। ଏହାକୁ ଆଧାର କରି ପୋଲିସ ପରିଚୟ ଖୋଜିବାରେ ଲାଗିଥିଲା। ରିଙ୍କିଙ୍କ ବାପା ଶରତ ସାହୁଙ୍କୁ ପୋଲିସ ଘଟଣା ସମ୍ପର୍କରେ ପଚରାଉଚୁରା କରିଥିଲା। ରିଙ୍କି ଘରୁ ଆସିବା ପୂର୍ବରୁ ତାଙ୍କ ଶୋଇବାଘର ତକିଆ ତଳେ ଏକ ଚିଠି ଛାଡି ଯାଇଥିଲେ। ପରିବାର ପକ୍ଷରୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ଖବର ମିଳି ନ ଥିଲା। ପୋଲିସ ଦିନକ ପରେ ରିଙ୍କିଙ୍କ ମୃତ ଦେହ ଜବତ ହୋଇଥିବା ସୂଚନା ଦେଇଥିଲା । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ପୋଲିସ କହିଛି।

## ମା'ପୁଅଙ୍କୁ ଆକ୍ରମଣ: ୩ ଗିରଫ

**ସମ୍ବଲପୁର,୫।୧(ବ୍ୟୁରୋ)**

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ବରେଇପାଲି ରାନିବନ୍ଧ ପଡାରେ ମାଆ ଅଶ୍ୱିନୀ ରଣଛତୁରିଆ ଓ ପୁଅ କ୍ରୀଷ୍ଣାଙ୍କୁ ଆକ୍ରମଣ ଘଟଣାରେ ଜଣେ ନାବାଳକ ଓ ଅନ୍ୟ ୩ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ବିଜୟ ସାହାଣୀ, ପପୁ ସାହାଣୀ ଓ ରିତେଶ ସାହାଣୀ। ଅଭିଯୋଗ କ୍ରମେ ସୋମବାର ରାତି ୮ଟାରେ ଗ୍ରାମର ଶିବମନ୍ଦିର ନିକଟରେ କ୍ରୀଷ୍ଣା ବସିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଆସି ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏପରି କି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ମାଆ ଆଶ୍ୱିନୀ ବିରୋଧ କରିବାରୁ ତାଙ୍କୁ ମଧ୍ୟ ମାରପିଟ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ୧୧/୨୧ରେ ମାମଲା ରୁଜୁକରି ତଦନ୍ତ କରୁଥିଲା।

# ଝାରସୁଗୁଡ଼ା ଭାଜପାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



ଝାରସୁଗୁଡାରେ ଭାଜପା ନେତା ଓ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଲଖନପୁର,୫।୧(ଡି.ଏନ.ଏ.)**

କଟକ ଜିଲା ମାହାଙ୍ଗା ବ୍ଲକ୍ ନୃତାଙ୍ଗରେ ଭାଜପା ନେତା କୁଳମଣି ବରାଳ ଓ ଦିବ୍ୟସିଂହ ବରାଳଙ୍କ ହତ୍ୟାକୁ ଝାରସୁଗୁଡା ଜିଲା ଭାଜପା ନିନ୍ଦା କରିଛି। ଦଳୀୟ କର୍ମକର୍ତ୍ତା ଝାରସୁଗୁଡା ଓ ବ୍ରଜରାଜନଗର ଥାନା ଘେରାଉ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ସହ ମନ୍ତ୍ରୀ ପ୍ରତାପ ଜେନାଙ୍କ ବହିଷ୍କାର ଦାବି କରାଯାଇଥିଲା। ଏହା ସହିତ ମନ୍ତ୍ରୀ ଜେନାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଝାରସୁଗୁଡାରେ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ନେତା ଓ କର୍ମୀମାନେ ଝାରସୁଗୁଡା ଥାନାରେ ପହଞ୍ଚି ମନ୍ତ୍ରୀ ପ୍ରତାପ ଜେନା ସମେତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସ୍ମାରକପତ୍ର ଦେଇଥିଲେ। ଏଥିରେ ବଳବିନ୍ଦର ସିଂହ, ପ୍ରେମସେନ ରାୟ, ମହେଶ୍ୱର ନାୟକ, ହେମରଞ୍ଜନ ସିଂହ, ଅକ୍ଷୟ ରାଉତ ପ୍ରମୁଖ ଉପସ୍ଥିତଥିଲେ। ସେହିଭଳି ଭାଜପା ଜିଲା ସଭାପତି ମଙ୍ଗଳ ସାହୁଙ୍କ ନେତୃତ୍ୱରେ ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ବାହାରି ବ୍ରଜରାଜନଗର ଥାନାରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିଶ୍ୱଜିତ ଷଡଙ୍ଗୀ, ମୁରାରୀ ସିଂହ ପ୍ରମୁଖ ସାମିଲ ହୋଇଥିଲେ।

## ପତଞ୍ଜଳି ଯୋଗପୀଠର ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୫।୧ (ବ୍ୟୁରୋ)**

ପତଞ୍ଜଳି ଯୋଗପୀଠର ୨୬ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ସମ୍ବଲପୁର ସହଯୋଗ ନଗର ଛକଠାରେ ଅନୁଷ୍ଠିତ ହୋଇଯାଇଛି। ଡା. କ୍ଷୀରୋଧର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସତ୍ୟ ସନାତନ ଧର୍ମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଆର୍ଯ୍ୟ ସମାଜର ସ୍ୱାମୀଜୀ ଅଷ୍ଟାଅଙ୍ଗ କହିଥିଲେ ଯେ, ଯୋଗ ଦ୍ୱାରା ଭଗବତ ସାନିଧ୍ୟ ମାର୍ଗ ପ୍ରାପ୍ତ ହୁଏ। ସମ୍ବଲପୁର ଜିଲା ପତଞ୍ଜଳି ଯୋଗ ସମିତି, ଭାରତ ସ୍ୱାଭିମାନ, ଯୁବ ଭାରତ ମହିଳା ପତଞ୍ଜଳି ଯୋଗ ସମିତି ଓ ପତଞ୍ଜଳି କିଶାନ ସେବା ସମିତି ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ଭାରତ ସ୍ୱାଭିମାନ ଜିଲା ପ୍ରଭାରୀ ଗୋଲକ ବିହାରୀ ମିଶ୍ର ସଂଯୋଜନା କରିଥିଲେ। ରାଜ୍ୟ ପ୍ରଭାରୀ ରାଧାମାଧବ ବହିଦାର, ଯୁବ ପ୍ରଭାରୀ ନୀଳାମ୍ବର ସାହୁ, ଶିକ୍ଷାବିତ୍ ଭକ୍ତ ପ୍ରସାଦ ନନ୍ଦ ଯୋଗଦେଇଥିଲେ।

# ରାସ୍ତା ମରାମତି ନ ହେଲେ ଆନ୍ଦୋଳନ

**ଜମନକିରା,୫।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମାର ୫୩ ନଂ. ଜାତୀୟ ରାଜପଥ ବନ୍ଧାଭୂଇଁଠାରୁ ଥାନା ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଆସନ୍ତା ସପ୍ତାହେ ମଧ୍ୟରେ ରାସ୍ତା ମରାମତି କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସଚେତନ ନାଗରିକଙ୍କ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ୨୦୧୭ ମସିହାଠାରୁ ନୂତନ ଭାବେ ୫୩ ନଂ. ଜାତୀୟ ରାଜପଥର ସମ୍ବଲପୁରଠାରୁ ଦେବଗଡ଼ ଜିଲା ଗୁଣେଇମୁରା ପର୍ଯ୍ୟନ୍ତ ୬୫ କିଲୋମିଟର ଚାରିଥାକିଆ ରାସ୍ତା ନିର୍ମାଣକାମ ପୁଞ୍ଜଲୟଡ୍ ଠିକା ସଂସ୍ଥା ନେଇଥିଲା। ୨୦୧୯ ଶେଷ ସୁଦ୍ଧା କାମ ଶେଷହେବାର ଅବଧି ଥିବାବେଳେ ଏହି ସଂସ୍ଥା ଅଳ୍ପ କାମ କରି ରାୟପୁରର ଡିବି ସଂସ୍ଥାକୁ ହସ୍ତାନ୍ତର କରିଥିଲା। ଅବଧି ଶେଷ ହୋଇଥିବାବେଳେ ଅଦ୍ୟାବଧି ୪୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଜମନକିରା ମୁଖ୍ୟ ଟାଉନକୁ ବାଇପାସ୍ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଉକ୍ତ କାର୍ଯ୍ୟ ମଧ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ଏହାକୁ ତଦାରଖ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ରହିଥିବା ବେଳେ ସେମାନେ ମଧ୍ୟ ଠିକ୍‌ରେ ତଦାରଖ କରୁ ନ ଥିବାରୁ ଠିକା ସଂସ୍ଥା ମନଇଚ୍ଛା କାମ କରିଚାଲିଛି। ସଦର ମହକୁମା ଦେଇ ଯାଇଥିବା ଜାତୀୟ ରାଜପଥ ମରାମତି କରାଯାଉ ନ ଥିବାରୁ ରାସ୍ତାରେ ଖାଲଖମା ଭର୍ତ୍ତି ହୋଇରହିଛି। ଅଧିକାଂଶ ସମୟରେ ବାଇକ୍ ଓ ସାଇକେଲ ଆରୋହୀ ରାସ୍ତାରେ ପଡ଼ି ଗୁରୁତର ଆହତ ହେଉଛନ୍ତି। ଏ ସମ୍ପର୍କରେ ଏନ୍‌ଏଚ୍‌ଏଆଇ ସମ୍ବଲପୁର ପିଡି ଭେଙ୍କଟେଶ୍ୱର ରାଜୁଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ରାସ୍ତାକାମ କରାଯିବ ବୋଲି କହିଥିଲେ।

# ଅଜଣା ବନ୍ୟଜନ୍ତୁକୁ ଚିତାବାଘ କହିଲା ବିଭାଗ

**ଦେବଗଡ, ୫।୧(ଡି.ଏନ.ଏ)**

ଦେବଗଡ ଜିଲା ବାରକୋଟ ବନାଞ୍ଚଳର ଚକଡିହି ଗ୍ରାମରେ ଅଜଣା ବନ୍ୟଜନ୍ତୁ ଆତଙ୍କରେ ଗ୍ରାମବାସୀ ଆତଙ୍କିତ ହୋଇପଡିଥିଲେ। ଶନିବାର ଅପରାହ୍ନରେ କେତେକ ଚରାଳି ନିକଟସ୍ଥ ଜଙ୍ଗଲରୁ ଛେଳି ଏବଂ ଗୋରୁ ଚରାଇ ଫେରୁଥିବା ବେଳେ ବନ୍ୟଜନ୍ତୁ ଆକ୍ରମଣ କରିବାରୁ ସେମାନେ ହୁରୁଡି ଜଙ୍ଗଲକୁ ପଶିଯାଇଥିଲେ । ରବିବାର ସକାଳେ ଛେଳି ଚରାଳି ମାନେ ଜଙ୍ଗଲ ମଧ୍ୟକୁ ଖୋଜିବାକୁ ଯାଇ ସେଠାରୁ ୧୨ଟି ଛେଳି ଏବଂ ୨ଟି ଗୋରୁର ମୃତଦେହ ପଡିଥିବା ଦେଖିଥିଲେ। ସୋମବାର ସକାଳେ ଜଙ୍ଗଲ ମଧ୍ୟରୁ ଆଉ ୩ଟି ଛେଳିର ମୃତଦେହ ମିଳିଥିଲା। ୪ଟି ଛେଳି ଗୁରୁତର ଆହତ ହୋଇଥିବା ବେଳେ ୨୨ଟି ଛେଳିର ସନ୍ଧାନ ମିଳିନାହିଁ। ବନବିଭାଗ ଏ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହ ସନ୍ଦିଗ୍ଧ ବନ୍ୟଜନ୍ତୁକୁ ଚିହ୍ନଟ କରିବା ପାଇଁ ଘଟଣାସ୍ଥଳରେ ୮ଟି ସିସି କ୍ୟାମେରା ଖଞ୍ଜିବା ସହ ପାଦଚିହ୍ନ ଚିହ୍ନଟ ପାଇଁ ସେଠାରେ ବାଲି ବିଛାଇଥିଲା। ମଙ୍ଗଳବାର ସିସି ଟିଭି କ୍ୟାମେରାର ଫୁଟେଜ ଯାଞ୍ଚ ସମୟରେ କୌଣସି ହିଂସ୍ର ବନ୍ୟଜନ୍ତୁର ଚିତ୍ର ଉତ୍ତୋଳିତ ହୋଇ ନ ଥିଲେ ହେଁ ବିଛାଯାଇଥିବା ବାଲିରୁ ଚିତାବାଘର ପାଦଚିହ୍ନ ମିଳିଥିବା ଦେବଗଡ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କ୍ଷତିଗ୍ରସ୍ତମାନେ ଆବେଦନ କରିବା ପରେ କ୍ଷୟକ୍ଷତି ଆକଳନ କରାଯାଇ ସେମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ଷଡଙ୍ଗୀ କହିଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ଉକ୍ତ ସଂରକ୍ଷିତ ଜଙ୍ଗଲରେ କୌଣସି ବାଘ ରହୁ ନ ଥିବାରୁ ଏହି ଚିତାବାଘ ଅନ୍ୟ କୌଣସି ଜଙ୍ଗଲରୁ ଆସିଥାଇପାରେ ବୋଲି ବନବିଭାଗ ଅନୁମାନ କରିଛି। ତେବେ ଆକ୍ରମଣକାରୀ ବନ୍ୟଜନ୍ତୁ ଚିତାବାଘ ବୋଲି ଚିହ୍ନଟ ପରେ ଗ୍ରାମବାସୀଙ୍କ ମଧ୍ୟରେ ଦେଖାଦେଇଥିବା ଆତଙ୍କ ବଢିଯାଇଛି।

# ସୁନ୍ଦରଗଡ଼ର ବିକାଶ ପାଇଁ ଏକାଠି

**ସୁନ୍ଦରଗଡ, ୫।୧ (ଡି.ଏନ୍.ଏ)**



ସଦଭାବନା ଭବନରେ ଅନୁଷ୍ଠିତ ସର୍ବଦଳୀୟ ବୈଠକ।

ସୁନ୍ଦରଗଡର ବିକାଶ ପାଇଁ ସ୍ଥାନୀୟ ବିଧାୟିକା କୁସୁମ ଟେଟେଙ୍କ ଆହ୍ୱାନକ୍ରମେ ମଙ୍ଗଳବାର ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । କଲେକ୍ଟୋରେଟ୍ ପରିସରରେ ଥିବା ସଦଭାବନା ଭବନରେ ଅନୁଷ୍ଠିତ ଏହି ବୈଠକରେ ସୁନ୍ଦରଗଡ ନାଗରିକ କମିଟି, ଜିଲା ଓକିଲ ସଂଘ ସମେତ ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଙ୍ଗଠନର ସଦସ୍ୟମାନେ ଯୋଗ ଦେଇଥିଲେ। ବୈଠକରେ ସୁନ୍ଦରଗଡର ବିକାଶ ଓ ମୁଖ୍ୟ ୩ଟି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଇବ୍ ନଦୀ ଉପରେ ବ୍ୟାରେଜ୍, ରିଂ ରୋଡ, ନବନିର୍ମିତ ଏନ୍‌ଟିପିସି ମେଡିକାଲ କଲେଜକୁ ଏମ୍ସରେ ରୂପାନ୍ତର ନେଇ ବିଧାୟିକାଙ୍କ ଦ୍ୱାରା ଆହୂତ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ବିଧାୟିକା ଟେଟେ ସୁନ୍ଦରଗଡର ସାମଗ୍ରିକ ବିକାଶ ପାଇଁ ମିଳିତ ଭାବେ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ । ନାଗରିକ କମିଟି ସଭାପତି ତଥା ବରିଷ୍ଠ ଆଇନଜୀବୀ ଅଶୋକ କୁମାର ଦାଶ, ବିଜେଡି ନେତା ହରଜେନ୍ଦ୍ର ସିଂ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଭବାନୀ ମାଝୀ, ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀ, ପିସିସିର ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ କୁମାର ସୁନାନୀ, ବିଜେଡି ନଗର କମିଟି ସଭାପତି ଚନ୍ଦ୍ର ଭିତ୍ରିଆ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ବରିଷ୍ଠ ନାଗରିକ କମିଟି ସଭାପତି ଡଃ ହିମାଂଶୁ ଶେଖର ଗୁରୁ, ଜିଲା ଓକିଲ ସଂଘ ସଭାପତି କମଳ ସେନ, ଜିଲା କ୍ରୀଡା ସଂସଦର ସଂପାଦକ ପ୍ରଭାତ ଭୋଳ, ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ନିଜ ମତ ଉପସ୍ଥାପନ କରିଥିଲେ । ସୁରେନ୍ଦ୍ର ସ୍ୱର୍ଣ୍ଣକାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଗୋଷ୍ଠୀ ସଂଘର୍ଷ: ୨ ପଡ଼ାର ୨୧ କୋର୍ଟ ଚାଲାଣ**

ଖଡିଆଳ(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ଅଞ୍ଚଳର ଗାନ୍ଧୀନଗର ଓ ସତନାମୀପଡ଼ା ମଧ୍ୟରେ ଗାଡି ଚଳାଚଳକୁ ନେଇ ଗତ ୨ ତାରିଖରେ ମାରପିଟ ହୋଇଥିଲା। ଖଡିଆଳ ଥାନାରେ ଅଭିଯୋଗ ପରେ ଦୁଇପଡା ମଧ୍ୟରେ ସମାଧାନ ହୋଇଥିଲା। ପୁଣିଥରେ ଗାନ୍ଧୀନଗରପଡାର କେତେକ ଯୁବକ ଖଣ୍ଡା, ତଲୱାର ଧରି ସତନାମୀପଡାକୁ ଯାଇ ଧମକ ଚମକ ଦେଇଥିଲେ। ଏ ନେଇ ସୋମବାର ଖଡିଆଳ ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇଥିଲା। ଏହାକୁ ଭିତ୍ତିକରି ପୋଲିସ ଗାନ୍ଧୀନଗର ୧୭ ଓ ସତନାମୀ ପଡାର ୪ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସିସିଟିଭି ଅନୁସନ୍ଧାନ ପରେ ଆଉ କେତେକ ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ଏସଡିପିଓ ସନ୍ତକ ଜେନା ପ୍ରକାଶ କରିଛନ୍ତି ।

# ଅଣ୍ଡାଭାତ ନିଅ, ସ୍କୁଲ ଫେରାଇ ଦିଅ

**ବଲାଙ୍ଗୀର ଅଫିସ, ୫ା୧**

ସରକାର ତମର ଅଣ୍ଡା, ଡାଲମା, ଭାତ ନିଅ ହେଲେ ଆମ ସ୍କୁଲ ଆମକୁ ଫେରାଇ ଦିଅ। ଏଭଳି ନାରା ଦେଇ କୁନି ଛାତ୍ରୀଛାତ୍ର ଓ ଅଭିଭାବକମାନେ ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ମୁଖର କରିଥିଲେ। ସ୍କୁଲ ବନ୍ଦ ପ୍ରତିବାଦରେ ଅନୁଷ୍ଠିତ ଧାରଣା କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଏଭଳି ନାରାବାଜି ପଥଚାରୀ, ଦର୍ଶକଙ୍କ ମଧ୍ୟରେ ଆଲୋଡନ ଖେଳାଇଥିଲା। ବଲାଙ୍ଗୀର ଭିଲେଜର୍ସ ଇଣ୍ଡିଆ ପାର୍ଟି ସଭାପତି ଡ. ବିପିନ କୁଶଲିଆଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଜିଲାର ବିଭିନ୍ନ ବ୍ଲକର ବନ୍ଦ ହୋଇଥିବା ସ୍କୁଲ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ। ସରକାର ଛାତ୍ର ସଂଖ୍ୟା କମ୍ ଥିବା ଦର୍ଶାଇ ରାଜ୍ୟର ପ୍ରାୟ ୧୪ ହଜାର ସ୍କୁଲ ବନ୍ଦ କରିବା ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତିର ପ୍ରତିବାଦ କରି ଛାତ୍ରୀଛାତ୍ର ଓ ଅଭିଭାବକମାନେ ମଙ୍ଗଳବାର ଧାରଣା ଦେଇଥିଲେ।


ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସ୍କୁଲ ଛାତ୍ରୀଛାତ୍ରମାନେ ଧାରଣା ଦେଇଛନ୍ତି ।

**ସ୍କୁଲ ବନ୍ଦ ପ୍ରତିବାଦରେ ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା**

ଅଣ୍ଡା, ଡାଲମା, ଭାତ ବଣ୍ଟନ ନାଁରେ ପ୍ରହସନ କରି ସରକାର ଏବେ ସ୍କୁଲ ବନ୍ଦ କରିବା ନିଷ୍ପତ୍ତି ଗ୍ରାମାଞ୍ଚଳରୁ ଶିକ୍ଷା ଅଧିକାରକୁ ଅପସାରଣ ବୋଲି ଡ. କୁଶଲିଆ ଅଭିଯୋଗ କରିଛନ୍ତି । କୌଣସି ପରିସ୍ଥିତିରେ ଗାଁ ସ୍କୁଲ ବନ୍ଦ କରିବା ସମାଜ ପାଇଁ ମଙ୍ଗଳଦାୟକ ହେବନାହିଁ ବୋଲି ସେ କହିଛନ୍ତି। ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ୍ ଝପଟୁପାଲି, ଦେଓଗାଁ ବ୍ଲକ ଚିପାକାନୀ, ସଇଁତଲା ବ୍ଲକ ସିନାଖମନ୍, ଲୋଇସିଂହା ବ୍ଲକ ଜଟିପାଲି, ବଲାଙ୍ଗୀର ସଦର ବ୍ଲକ ସଦାଇପାଲି ଖାଡିଆପଡା, ଧୁମାମରା ପ୍ରଭୃତି ସ୍କୁଲକୁ ବନ୍ଦ କରିବାକୁ ସରକାରୀ ନିର୍ଦ୍ଦେଶ ଦିଆଯାଇଛି । ଏହା କାର୍ଯ୍ୟକାରୀ ହେଲେ ଏଠାକାର ଛାତ୍ରୀଛାତ୍ରମାନେ କେଉଁଠି ପାଠ ପଢ଼ିବେ ବୋଲି ଡ. କୁଶଲିଆ ପ୍ରଶ୍ନ କରିଛନ୍ତି । ତେଣୁ ତୁରନ୍ତ ଏହି ସ୍କୁଲଗୁଡିକୁ କାର୍ଯ୍ୟକ୍ଷମ କରିବାକୁ ସେ ଦାବି କରିଛନ୍ତି ।

## ପ୍ରଶାସନର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**ତରବୋଡ, ୫ା୧ (ଡି.ଏନ.ଏ.)**

ନୂଆପାଡା ଜିଲା କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ହାତିସରା କେବଡା ନାଳ ଅଧାପନ୍ତରିଆ ଓ ଦୀର୍ଘଦିନ ହେଲା ସମ୍ପୂର୍ଣ୍ଣ ନ କରିବାରୁ ଜିଲାପାଳ କାର୍ଯ୍ୟାଳୟଠାରେ ଗତ ୧୮ ତାରିଖଠାରୁ ଦର୍ଲିପଡା ପଞ୍ଚାୟତବାସୀ ଧାରଣାରେ ବସିଥିଲେ। ମଙ୍ଗଳବାର ୧୮ ଦିନରେ ପହଞ୍ଚିଥିବା ବେଳେ ପ୍ରଶାସନର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଡିଆରଡିଏ ପିଡି ନବୀନ ପଟେଲ ଧାରଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଅସମ୍ପୂର୍ଣ୍ଣ କେବଡା ନାଳ ସମ୍ପୂର୍ଣ୍ଣ କରିବା, ଅସାଧୁ ଠିକାଦାର ଓ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଦର୍ଲିପଡା ପଞ୍ଚାୟତବାସୀ ଧାରଣାରୁ ଓହରିଛନ୍ତି। ଜିଲା ପ୍ରଶାସନ ଗୋଟିଏ ମାସ ସମୟ ମାଗିଛନ୍ତି। ଗୋଟିଏ ମାସ ମଧ୍ୟରେ କେବଡା ନାଳ ସମ୍ପୂର୍ଣ୍ଣ ନ ହେଲେ ଓ ଅସାଧୁ ଠିକାଦାର ଏବଂ କର୍ମଚାରୀ ଉପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଜିଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଧାରଣାରେ ଦର୍ଲିପଡା, ହାତିସରା, ଠୋଗୋରମାଲ, ଜାନିପଡା, କରଙ୍ଗାଭଟା ଆଦି ଗ୍ରାମବାସୀ ସାମିଲ ଥିଲେ। କଂଗ୍ରେସ ଜିଲା ସଭାପତି ଘାସିରାମ ମାଝି, ମହେନ୍ଦ୍ର ସିଂ, ମୋତି ରାୱଲ, ଏମଡି ଜୁନେଦ, ଲକି ଚନ୍ଦ୍ରକାର, ଗୋଲି ତିୱାରୀ, ଶାହରୁଖ ଖାନ, କୈଳାସ ବାଗ, ମୁନ୍ନା ଲାଲ ଦେବାଙ୍ଗନ, ଜଗଦିଶ ସାହୁ, ଗୋବର୍ଦ୍ଧନ ମାଝି, ଦିକ୍ଷା ମାଝି, ବ୍ରଜ ମାଝି, ଅରୁଣ ମାଝି, ସାଧୁ ପଟେଲ, କିରସାଗର ପଟେଲ, ଲାଲଧର ମାଝି, ପୁଣ୍ୟ ମାଝି, ମହେଶ୍ୱର ପଟେଲ ପ୍ରମୁଖ ଗ୍ରାମବାସୀ ସାମିଲ ଥିଲେ।

## ରାମମନ୍ଦିର ନିର୍ମାଣ ପାଇଁ ୨୫ରୁ ନିଧି ସଂଗ୍ରହ


ନିଧି ସମର୍ପଣ ସମିତି ବୈଠକରେ ମଞ୍ଚାସୀନ ନେତୃବୃନ୍ଦ ।

**ସୋନପୁର,୫ା୧(ନି.ପ୍ର.)**

ସୋନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବୌଦ୍ଧିକ ମଣ୍ଡପରେ ରାମ ମନ୍ଦିର ନିଧି ସମର୍ପଣ ସମିତିର ଜିଲା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ପଶ୍ଚିମ ପ୍ରାନ୍ତର ସଂଘ ଚାଳକ ବିପିନ ବିହାରୀ ନନ୍ଦ ମୁଖ୍ୟଅତିଥି ଓ ବଜରଙ୍ଗ ଦଳ ପଶ୍ଚିମ ପ୍ରାନ୍ତ ପ୍ରମୁଖ ସୁଧୀର ରଞ୍ଜନ ବହିଦାର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କୁ ମାର୍ଗଦର୍ଶନ କରିଥିଲେ। ବହିଦାର ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ । ପ୍ରାନ୍ତ ସଂଘ ଚାଳକ ନନ୍ଦ କହିଥିଲେ ଯେ, ରାମ ମନ୍ଦିର ନିର୍ମାଣ ପାଇଁ ନିଧି ସଂଗ୍ରହ ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ମନ୍ଦିର ସହ ଯୋଡିବା ହିଁ ଲକ୍ଷ୍ୟ । ତେଣୁ ଜିଲାର ସମସ୍ତ ପରିବାର ସହ ସମ୍ପର୍କ ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ସମଗ୍ର ଭାରତବର୍ଷର ଅସ୍ମିତାର ପ୍ରତୀକ ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିର ନିର୍ମାଣରେ ସମସ୍ତେ ଭାବନାତ୍ମକ ସହଯୋଗ କରିବାକୁ କହିଥିଲେ । ପଶ୍ଚିମ ପ୍ରାନ୍ତରେ ଏହି ଅଭିଯାନ ଜାନୁୟାରୀ ୨୫ରୁ ଆରମ୍ଭ ହୋଇ ଫେବୃୟାରୀ ୧୦ ପର୍ଯ୍ୟନ୍ତ ଚାଲିବ। ଏହା ପୂର୍ବରୁ କୌଣସି ପ୍ରକାର ରାଶି ସଂଗ୍ରହ କରାଯିବ ନାହିଁ । ଅର୍ଥ ସଂଗ୍ରହ ବେଳେ ସ୍ୱଚ୍ଛତା ରକ୍ଷା କରାଯିବ । ପ୍ରତ୍ୟହ ବ୍ୟାଙ୍କ ଖାତାରେ ସଂଗୃହୀତ ଅର୍ଥ ଜମା ହେବ ଓ ନିଧି ପ୍ରମୁଖ ତାର ହିସାବ ରଖିବେ ବୋଲି ନନ୍ଦ ସୂଚନା ଦେଇଥିଲେ। ବିଭିନ୍ନ ପର୍ଯ୍ୟାୟରେ ଶିକ୍ଷା ବିକାଶ ସମିତି, ବିବିଧ କ୍ଷେତ୍ର ଓ ଭାଜପାର କାର୍ଯ୍ୟକର୍ତ୍ତାମାନଙ୍କୁ ନିଷ୍ଠାର ସହ ପରିବାର ସମ୍ପର୍କ ପୂର୍ବକ ରାମଙ୍କ କାର୍ଯ୍ୟରେ ସହଯୋଗ କରିବାକୁ ମାର୍ଗଦର୍ଶନ କରିଥିଲେ । ଏଥିରେ ବିଭାଗ ପ୍ରଚାରକ ପ୍ରଣବ ଭାଇ, ଜିଲା ସଂଘ ଚାଳକ ବିପିନ ବାଘ, ବିଦ୍ୟାଭାରତୀ କାର୍ଯ୍ୟକର୍ତ୍ତା ପ୍ରସନ୍ନ ସାହୁ, ଗୁପ୍ତେଶ୍ୱର ଥନାପତି, ପ୍ରଦୀପ ପୁରୋହିତ, ରାଜେଶ ସିଂହ, ଗଦାଧର ବାରିକ୍, ରଶ୍ମି ରଞ୍ଜନ ଦାଶ ଓ ଜିଲା ସମିତିର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ମୃତ, ଆହତ ପରିବାରକୁ ଭେଟିଲେ

**ଭବାନୀପାଟଣା, ୫ା୧ (ଡି.ଏନ.ଏ.):** ଭବାନୀପାଟଣା ସଦର ଥାନା ଅଧୀନ ପରମାନନ୍ଦପୁର ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ମୃତ, ଆହତ ପରିବାରକୁ ଭେଟିଛନ୍ତି ରାଜ୍ୟ ଯୁବ କଂଗ୍ରେସ ନେତା। ପରମାନନ୍ଦପୁର ଗ୍ରାମର ଖଗେଶ୍ୱର ଭଇଁସାଲଙ୍କ ଝିଅ ଗୁଡି ଘର ଛପର ଉପରେ ଓଦା କପଡା ଶୁଖାଇବା ବେଳେ ଉପରେ ଯାଇଥିବା ବିଦ୍ୟୁତ ତାରରେ ସଂସ୍ପର୍ଶରେ ଆସିଥିଲେ। ତାଙ୍କ ପାଟି ଶୁଣି ନିକଟରେ ଥିବା ତାଙ୍କ ବଡଭାଇ ଘଟଣାସ୍ଥଳକୁ ଆସି ଗୁଡିଙ୍କୁ ବଞ୍ଚାଇବାକୁ ଯାଇ ନିଜେ ବିଦ୍ୟୁତ୍ ସଂସ୍ପର୍ଶରେ ଲାଗି ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେମାନଙ୍କୁ ବଞ୍ଚାଇବାକୁ ଯାଇ ଖଗେଶ୍ୱର ଏବଂ ବର୍ଣ୍ଣି ଗୁରୁତର ଆହତ ହୋଇଥିଲେ। ଏହି ଘଟଣାର ତଦନ୍ତ କରିବାକୁ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ ଓ ସମ୍ପାଦକ ମହମ୍ମଦ ସାହେବଙ୍କ ନେତୃତ୍ୱରେ ନେତୃମଣ୍ଡଳି ଉକ୍ତ ଗ୍ରାମକୁ ଯାଇ ଶୋକାକୁଳ ପରିବାରକୁ ସମବେଦନା ଜଣାଇଛନ୍ତି । ଏଥିସହିତ ବିଦ୍ୟୁତ୍ ବିଭାଗ ଅବହେଳା ଯୋଗୁ ଏଭଳି ଘଟିଛି ବୋଲି କହିଛନ୍ତି। ଘଟଣା ଘଟିବା ୩ ଦିନ ବିତିଯାଇଥିଲେ ମଧ ବିଦ୍ୟୁତ ବିଭାଗର କୌଣସି କର୍ମଚାରୀ ଘଟଣାସ୍ଥଳକୁ ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ, ୩ ଜଣଙ୍କୁ ସରକାରୀ ଚାକିରି ଓ ବିଦ୍ୟୁତ ଆଘାତରେ ଚିକିତ୍ସାଧୀନ ଥିବା ଜଣଙ୍କୁ ମାଗଣାରେ ଉଚ୍ଚସ୍ତରୀୟ ଚିକିତ୍ସା ପାଇଁ ଦାବି କରିଛନ୍ତି। ଏଥିରେ ଯୁବ କଂଗ୍ରେସର ପ୍ରତିନିଧି ରାଜ୍ୟ ଯୁବ କଂଗ୍ରେସ ସଦସ୍ୟ ସାଧାରଣ ସମ୍ପାଦକ ପାଣିଗ୍ରାହୀ ଓ ସମ୍ପାଦକ ସାହେବଙ୍କ ନେତୃତ୍ୱରେ ସସାଗର ପଟ୍ଟନାୟକ, ନୂତନ ଗୋଖରାଆ, ସୁଶାନ୍ତ ପ୍ରଧାନୀ, ବିଶ୍ୱଜୀତ ପଟ୍ଟନାୟକ ସାମିଲ ଥିଲେ।

### ଚିଚୈଗୁଡା ପଞ୍ଚାୟତରେ ନୂତନ ଭତ୍ତା ବଣ୍ଟନ

**ଜୁନାଗଡ, ୫ା୧ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ପଞ୍ଚାୟତରେ ମଙ୍ଗଳବାର ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ୨୦ଜଣ ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଚିଚୈଗୁଡା ସରପଞ୍ଚ ସୁଧିରା ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଅତିଥି ଭାବେ ଜୁନାଗଡ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତୁଷାର ରଞ୍ଜନ ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶିବ ପ୍ରସାଦ ସାହୁ, ନାଏବ ସରପଞ୍ଚ ନବୀନ ମେହେର ପ୍ରମୁଖ ଉପସ୍ଥିତ ରହିଥିଲେ।

### ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ହତ୍ୟା ପ୍ରତିବାଦରେ ଭାଜପାର ଥାନା ଘେରାଉ

**ତରବୋଡ, ୫ା୧ (ଡି.ଏନ.ଏ.):** କଟକ ଜିଲା ମାହାଙ୍ଗା ବ୍ଲକ ପୂର୍ବତନ ଅଧକ୍ଷ ତଥା ଭାଜପା ନେତା କୁଳମଣି ବରାଳ ଓ ସହଯୋଗୀ ଦିବ୍ୟସିଂ ବରାଳଙ୍କୁ ହତ୍ୟା ଘଟଣା ନେଇ ମଙ୍ଗଳବାର ନୂଆପଡା ଜିଲା ସଦର ଥାନା ସମ୍ମୁଖରେ ଜିଲା ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ସଭାପତି ଅଭିନନ୍ଦନ ପଣ୍ଡାଙ୍କ ନେତୃତ୍ୱରେ ଜିଲା କର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବହାରି ସହର ପରିକ୍ରମା କରି ସଦର ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତଙ୍କୁ ଗିରଫ ଦାବି କରିବା ସହ ମନ୍ତ୍ରୀ ପ୍ରତାପ ଜେନାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଜିଲା ଉପ ସଭାପତି ଗୋଲଡି ଅଗ୍ରୱାଲ, ଦିଲୀପ ନିର୍ମଲକର, ଜିଲା ସମ୍ପାଦକ ତୁଲସ ପଟେଲ, ମଣ୍ଡଳ ସଭାପତି ବିଜୟ ଚନ୍ଦ୍ରପାର, ମନିଜର ଆର୍ଯ୍ୟ, ଚନ୍ଦନ ଠାକୁର, କୈଳାଶ ସ୍ୱାଇଁ, ମହେଶ ଦଣ୍ଡସେନା, ଅର୍ଜୁନ ଜଗତ, ମାନସ ରଥ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

### ମସଜିଦରୁ ଚୋରି

**ତରବୋଡ, ୫ା୧ (ଡି.ଏନ.ଏ.):** ନୂଆପଡା ଜିଲା କୋମନା ଥାନା ଅଞ୍ଚଳରେ ଥିବା ମସଜିଦରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। କୋମନାସ୍ଥିତ ମସଜିଦରୁ ଗତ ରବିବାର ରାତିରେ ତାଲା ଭାଙ୍ଗି ଏମ୍ପ୍ଲିଫାୟର ଓ ଦାନ ବାକ୍ସରୁ ଟଙ୍କା ଚୋରି ହୋଇଥିବା ବେଳେ ସେଥିରେ ଥିବା ଗଡ୍ରେଜକୁ ମଧ୍ୟ ଭଙ୍ଗିଛନ୍ତି ବୋଲି ମୁସଲିମ ମସଜିଦ କମିଟି ସମ୍ପାଦକ ଆହେସାନ ମହମ୍ମଦ କୋମନା ଥାନାରେ ଏତଲା ଦେଇଛନ୍ତି। କେତେ ପରିମାଣର ଚୋରି ହୋଇଛି ତଦନ୍ତ ପରେ ଜଣାପଡିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା: ନିମ୍ନମାନର ମୋରମ କାମ

**ଖଡିଆଳ, ୫ା୧ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ନେହେନା ପଞ୍ଚାୟତ ତୋରଲି ଗ୍ରାମର ପ୍ରଧାନମନ୍ତ୍ରୀ ରାସ୍ତାଠାରୁ ନେହେନା ପିଡବ୍ଲ୍ୟୁଡି ରାସ୍ତା ପର୍ଯ୍ୟନ୍ତ ହୋଇଥିବା ମୋରମ କାମ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଯେ, ଏହି କାର୍ଯ୍ୟ ବିଜୁ କେବିକେ ଯୋଜନାରେ ୨୦୧୯-୨୦ ଆର୍ଥିକ ବର୍ଷରେ ମୋରମ କାର୍ଯ୍ୟ ହୋଇଛି। ଏହାର ଅଟକଳ ମୂଲ୍ୟ ୨ ଲକ୍ଷ ଟଙ୍କା ହୋଇଥିବା ବେଳେ ଦୈନିକ ମଜୁରି ୩୦୩ ଟଙ୍କା ପାଇଁ ୮ଘଣ୍ଟା କାର୍ଯ୍ୟ ଧାର୍ଯ୍ୟ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ମୋରମ କାମ ଉପରେ ରୋଲାର ମଡ଼ାଯାଇ ନାହିଁ। ପାଣି ସିଞ୍ଚନ କରା ନ ଯାଇ ରାସ୍ତାରେ ପତଳା ମୋରମ


ପ୍ରଧାନମନ୍ତ୍ରୀ ରାସ୍ତାଠାରୁ ନେହେନା ପିଡବ୍ଲ୍ୟୁଡି ପର୍ଯ୍ୟନ୍ତ ନିମ୍ନମାନର କାମ ।

ପକାଯାଇଛି। ଏହା ସହିତ ଦାୟିତ୍ୱରେ ଥିବା ଯନ୍ତ୍ରୀ କାର୍ଯ୍ୟସ୍ଥଳରେ ଉପସ୍ଥିତ ନ ଥିବାରୁ ନିମ୍ନମାନର କାମ ହୋଇଥିବା ଅଭିଯୋଗ କରିଛନ୍ତି। କାମ ଆରମ୍ଭ ପୂର୍ବରୁ ସୂଚନା ଫଳକ ତିଆରି କରିବା ନିୟମ ଥିବା ବେଳେ ଜିଲାପାଳଙ୍କଠାରେ ଅଭିଯୋଗ ପରେ ସୋମବାର ରାତ୍ରିରେ ହିଁ ସୂଚନା ଫଳକ ତିଆରି କରିଥିବା ବୁଲୁ ରାଉତରାୟ, ହେମନ୍ତ ହାତୀ, ରଙ୍କମଣୀ ଦଣ୍ଡସେନା, ଚୈତନ୍ୟ ବନଛୋର, ଧନଞ୍ଜୟ ନାୟକ, ଉଜ୍ଜଳ ବାଗ, ରାଜେନ୍ଦ୍ର ତାଣ୍ଡିଙ୍କ ସମେତ ଶତାଧିକ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନପନ୍ଥା ଗ୍ରହଣ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ପାଳଗଦାରୁ ମିଳିଲା ଅର୍ଦ୍ଧଦଗ୍ଧ ମୃତଦେହ

**ବରଗଡ଼ ଅଫିସ୍/ଝାରବନ୍ଧ,୫ା୧**

ବରଗଡ଼ ଜିଲା ଝାରବନ୍ଧ ଥାନା ଅନ୍ତର୍ଗତ ସରଗୁଲ ଗ୍ରାମ ନିକଟ କେଶବଢ଼ିପା ପାଖରେ ରହିଥିବା ଏକ ପାଳଗଦାରୁ ମଙ୍ଗଳବାର ଅର୍ଦ୍ଧଦଗ୍ଧ ମୃତଦେହ ଜବତ ହୋଇଛି। ମୃତକ ଜଣକ ଏହି ଥାନା ଅନ୍ତର୍ଗତ କନ୍ଦାଡଙ୍ଗର ଗ୍ରାମର ଟୁନଟୁ ବରିହା(୭୦) ବୋଲି ତାଙ୍କ ପୁଅ ସତ୍ୟାନନ୍ଦ ଚିହ୍ନଟ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଛି । ଝାରବନ୍ଧ ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧/୨୧) ରୁଜୁ ହୋଇଛି । ମୃତ୍ୟୁର କାରଣ ଜଣାପଡ଼ିନାହିଁ ମଙ୍ଗଳବାର ଉକ୍ତ ପାଳଗଦାରେ ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ଖବର ପାଇ ଘଟଣାସ୍ଥଳକୁ ପୋଲିସ ପହଞ୍ଚିଥିଲା । ମାତ୍ର ଦୀର୍ଘ ସମୟ ଧରି ମୃତଦେହ ଚିହ୍ନଟ ହୋଇ ପାରି ନ ଥିଲା । ପରେ ସେଠାକୁ କନ୍ଦାଡଙ୍ଗର ଗ୍ରାମର ସତ୍ୟାନନ୍ଦ ପହଞ୍ଚିଥିଲେ ଏବଂ ମୃତଦେହ ତାଙ୍କ ବାପା ଟୁନଟୁଙ୍କର ବୋଲି କହିଥିଲେ। ତେବେ ଟୁନଟୁ ସୋମବାର ଅପରାହ୍ନରୁ ଘରୁ ଯାଇ ଆଉ ଫେରି ନ ଥିଲେ । ଘଟଣାସ୍ଥଳ ପାଖରୁ ଏକ ଟାଙ୍ଗିଆ ମିଳିଛି ଏବଂ ସେହି ଟାଙ୍ଗିଆକୁ ଧରି ତାଙ୍କ ବାପା ଟୁନଟୁ ଘରୁ ବାହାରିଥିଲେ ବୋଲି ସତ୍ୟାନନ୍ଦ କହିଛନ୍ତି । ତେବେ କେଉଁ ପରିସ୍ଥିତିରେ ତାଙ୍କ ମୃତ୍ୟୁ ହେଲା, ତାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି । ପାଳଗଦା ଜଳିଯାଇଥିବାବେଳେ ସେଠାରେ ଅର୍ଦ୍ଧଦଗ୍ଧ ମୃତଦେହ ମିଳିଥିବାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ ହେଉଛି । ତେବେ ଏ ନେଇ ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ଠାକୁରଦାସ ମୁର୍ମୁ କହିଛନ୍ତି।

## ଶୁଳିଆ ଯାତ୍ରା ପାଇଁ ପରିଚାଳନା କମିଟି ବୈଠକ


ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ଦେଓଗାଁ,୫ା୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତ ଖଇରଗୁରା ଓ କୁମୁରୁଆଠାରେ ଆସନ୍ତା ୧୯ତାରିଖରେ ପଡୁଛି ଶୁଳିଆ ଯାତ୍ରା। ଏଥିପାଇଁ ମଙ୍ଗଳବାର ତେତେଲତଳଠାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହେମରାଜ ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୋଭିଡ ଆଇନ ଅନୁଯାୟୀ ଚଳିତ ବର୍ଷ ନିରାଡମ୍ବରଭାବେ ଯାତ୍ରା କରିବା ଉପରେ ମତପ୍ରକାଶ ପାଇଥିଲା। ପରମ୍ପରାକୁ ବଜାୟ ରଖି ସାମାଜିକ ଦୂରତ୍ୱ ପାଳନ ପୂର୍ବକ ଯାତ୍ରା କରିବାକୁ ଉପସ୍ଥିତ କର୍ମକର୍ତ୍ତା ତଥା ଅଞ୍ଚଳର ବୁଦ୍ଧିଜୀବମାନେ ମତପ୍ରକାଶ କରିଥିଲେ। ତେବେ ଏ ସଂକ୍ରାନ୍ତରେ ଆସନ୍ତା ରବିବାର ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି କମିଟି ସଭାପତି ମୟ ପ୍ରଧାନୀ ସୂଚନା ଦେଇଛନ୍ତି । ଏ ପରୀପେକ୍ଷୀରେ ସର୍ବ ସମ୍ମତିକ୍ରମେ ଚଳିତବର୍ଷ ଯାତ୍ରା ପରିଚାଳନା କମିଟିର ଅସ୍ଥାୟୀ ସଭାପତି ଭାବେ ମୟ ପ୍ରଧାନୀ ମନୋନୀତ ହୋଇଥିଲେ । ବୈଠକରେ ଅନନ୍ତ ଦେହେରିଆ, ଜଗଦୀଶ କୁଅଁର, ମକାରୁ ମଟାରୀ, ରାଜୀବ କୁଅଁର, ପୃଥ୍ୱୀରାଜ ବାଗ, ସୋମନାଥ ଦେହେରିଆ ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସଦସ୍ୟଭାବେ ବିଶ୍ୱଜିତ ପାତ୍ର, କାନ୍ତେଶ୍ୱର ପଧାନ, ମଧୁବନ ଭୋଇ, ସୂର୍ଯ୍ୟ ରଣା, ଅନନ୍ତ ଚୌହାନ, ପରମେଶ୍ୱର ରାଉତ, କାଳିନ୍ଦ୍ରୀ ଚରଣ ମାଝୀ, ହରିଶ୍ଚନ୍ଦ୍ର ଭୋଇ, ପରମେଶ୍ୱର ରାଉତ, ଶଶୀଭୂଷଣ ଗଡତ୍ୟା, ପ୍ରଦୀପ ପଣ୍ଡା, ପ୍ରଭାତ ପାତ୍ର, ରାଜେନ୍ଦ୍ର ପାଣି, ଶ୍ରୀବତ୍ସ ମାଝୀ, ପ୍ରଫୁଲ୍ଲ ଦାଶ ପ୍ରମୁଖ ରହିଛନ୍ତି। ଯାତ୍ରା ପାଖେଇ ଆସିଥିବା ବେଳେ ଏଯାଏ ପ୍ରଶାସନ ତରଫରୁ କୌଣସି ପ୍ରକାର ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା।

## ଶିଶୁକନ୍ୟା ହତ୍ୟା ମାମଲା: ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

**ବରଗଡ଼ ଅଫିସ୍/ପାଇକମାଳ, ୫ା୧(ଡି.ଏନ.ଏ.)**

ବରଗଡ଼ ଜିଲା ପାଇକମାଳ ଥାନା ଅଞ୍ଚଳର ଏକ ଗ୍ରାମ ନିକଟ ଜଙ୍ଗଲରୁ ସୋମବାର ଜଣେ ୯ବର୍ଷ ଶିଶୁକନ୍ୟାର ମୃତଦେହ ଉଦ୍ଧାର ଘଟଣା ଜିଲାରେ ହଇଚଇ ସୃଷ୍ଟି କରାଯାଇଛି। ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତିରୁ ନାବାଳିକାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିବା ବେଳେ ତାଙ୍କୁ ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମ ହୋଇଥିବା ସନ୍ଦେହ ହୋଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାର ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇପାରିନାହିଁ। ୨/୩ଜଣ ସନ୍ଦିଗ୍ଧ ଯୁବକଙ୍କୁ ପାଇକମାଳ ଥାନାରେ ଅଟକ ରଖି ପୋଲିସ ପଚରାଉଚୁରା କରୁଥିବା ସୂଚନା ମିଳିଛି। ଏ ସମ୍ପର୍କରେ ପାଇକମାଳ ଥାନାଧିକାରୀ ବିଶ୍ୱଜିତ ମନବୋଧଙ୍କୁ ପଚାରିବାରୁ ବୁର୍ଲାରେ ଶିଶୁକନ୍ୟାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି ଏବଂ ରିପୋର୍ଟ ମିଳିବା ପରେ ତାହା ତଦନ୍ତରେ ସହାୟକ ବୋଲି ସେ କହିଥିଲେ। ଅନ୍ୟପକ୍ଷେ ନାବାଳିକା ହତ୍ୟା ଘଟଣାରେ ହତ୍ୟାକାରୀଙ୍କୁ ନ ଧରିଲେ ଆନ୍ଦୋଳନ କରାଯିବ ବୋଲି ମଙ୍ଗଳବାର କଂଗ୍ରେସ ନେତା ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଏକ ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଛନ୍ତି ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ: ବଙ୍କାପଲା ଚାମ୍ପିୟନ

**ଜୁନାଗଡ, ୫ା୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁ ପଞ୍ଚାୟତ ତାଲପଦରଠାରେ ଚାଲିଥିବା ସପ୍ତମ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ବଙ୍କାପଲା ଓ ବାଲିଛଡା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବଙ୍କାପଲା ୨-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଖେଳକୁ କାର୍ତ୍ତିକ ମାଝି, ନୀଳକଣ୍ଠ ବାଗ ଓ ଗୋପବନ୍ଧୁ ନିଆଲ ପରିଚାଳନା କରିଥିଲେ। ମା' ଠାକୁରାଣୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜୁନାଗଡ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ କୁମାର ବେହେରା, ସମ୍ମାନିତ ଅତିଥି ଅନୁଷ୍ଠାନର ସଭାପତି ପଦ୍ମନାଭ ସାହୁ, ସମ୍ପାଦକ କୁଶଧ୍ୱଜ ମାଝି, ଟିକଚନ ବାଗ, ଗୌରହରି ବାଗ, ଅକ୍ରୁର ବାଗ, ଗୋନ୍ତିଆ ପ୍ରମୋଦ ବେହେରା, ଦୁଷ୍ମନ୍ତ ମାଝି, ଅରୁଣ ମାଝି, ଲଳିତ ନିଆଲ, ଗିରିଶ ବାଗ, ସୁନ୍ଦର ମୋହନ ଛତ୍ରିଆ, ଅଜୟ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। ୭ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ଅଞ୍ଚଳର ୨୪ଟି ଦଳ ଭାଗ ନେଇଥିଲେ।


ଫାଇନାଲ ଖେଳରେ ଯୋଗଦେଇଥିବା ଅତିଥି।

## ଟୋକନରେ ଜାଲିଆତି, ଧାନକ୍ରୟରେ ଅନିୟମିତତା

**କୋକସରା, ୫ା୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲରେ ଗତ ୨ବର୍ଷ ହେବ ମା' ମଙ୍ଗଳାଦେବୀ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ମଣ୍ଡିରୁ ଧାନ କ୍ରୟ କରୁଛନ୍ତି। ଚଳିତ ଖରିଫ ଋତୁରେ ମଣ୍ଡିରେ ପ୍ରକୃତ ଚାଷୀଙ୍କ ଟୋକନ ଜାଲିଆତି କରି ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦିକା ନିଜ ପରିବାର ଲୋକଙ୍କ ନାମରେ ଧାନ ବିକ୍ରି କରୁଥିବା ନେଇ କୋକସରା ତହସିଲଦାରଙ୍କ ସମେତ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଚାଷୀ ଅଭିଯୋଗ କରିଛନ୍ତି ଯେ, ଜଣେ ଚାଷୀ ଅଧିକା ଚାଷ ଜମି ଥିବା ବେଳେ ଅନଲାଇନ ସମୟରେ ଚାଷୀଙ୍କ ନାମରେ ଖତିଆନରେ ଥିବା ସମସ୍ତ ପ୍ଲଟକୁ ଏଣ୍ଟ୍ରି ନ କରି ସେହି ପ୍ଲଟକୁ ଭାଗଚାଷୀ ଦେଖାଇ


ଟୋକନ ଜାଲିଆତି ଅଭିଯୋଗ କରି ଚାଷୀମାନେ ଧାରଣା ଦେଇଛନ୍ତି।

ଅନ୍ୟ ଲୋକଙ୍କ ନାମରେ ଟୋକନ ଇସୁ କରାଯାଇଛି। ଫଳରେ ପ୍ରକୃତ ଚାଷୀଙ୍କ ଟୋକନ ଜମି ତୁଳନାରେ କମ ଆସିଥିବା ନେଇ ଚାଷୀ ଅଭିଯୋଗ କରିଛନ୍ତି। ବଳକା ଟୋକନରେ ଗୋଷ୍ଠୀ ସମ୍ପାଦିକା ନିଜ ସମ୍ପର୍କୀୟଙ୍କୁ ଚାଷୀ କରି ଧାନ ବିକ୍ରି କରୁଥିବା ନେଇ କାଶିବାହଲ ମଣ୍ଡି ଚାଷୀମାନେ ଅଭିଯୋଗ କରିଛନ୍ତି। କାଶିବାହଲ ମଣ୍ଡି ଚାଷୀ କିଶୋର ନାଏକ, ଭୁବନେ ନାଏକ, ହରିଶ୍ଚନ୍ଦ୍ର ବାଣୁଆ, ଅକ୍ରୁର ମାଝି, ଭଦ୍ର ମାଝି, ମଦନ ଚଣ୍ଡି, ହରେକୃଷ୍ଣ ମାଝି, ଭରତ ଶବର, ମଦନ ଚଣ୍ଡି, ସନ୍ତୋଷ ଚଣ୍ଡି, ଦେବେନ୍ଦ୍ର ଚଣ୍ଡି, ଯୋଗିନ୍ଦ୍ର ଚଣ୍ଡି, ଗଙ୍ଗାଧର ମାଝି, ସଦାନନ୍ଦ ମାଝି, ଭାନୁଚନ୍ଦ୍ର ମାଝି, ତରୁଣ ଚଣ୍ଡି, ମୋତିରାମ ଚଣ୍ଡି ସମେତ ଅନ୍ୟ ଚାଷୀ ଅଭିଯୋଗ କରିଛନ୍ତି । ଏ ନେଇ ମା' ମଙ୍ଗଳା ଦେବୀ ସ୍ୱୟଂ ସହାୟକ ଗୋଷ୍ଠି ସମ୍ପାଦିକା ଶୈଳ ନାଏକଙ୍କୁ ପଚାରିବାରୁ ସେ ଚାଷୀଙ୍କ ଅଭିଯୋଗକୁ ଖଣ୍ଡନ କରିବା ସହ କୌଣସି ଜାଲିଆତି କିମ୍ବା ଅନିୟମିତତା ହୋଇନାହିଁ। ସରକାରୀ ନିୟମ ଅନୁସାରେ ଧାନ କ୍ରୟ ହେଉଛି ବୋଲି କହିଛନ୍ତି ।

**୧୨ବର୍ଷ ପରେ ଜମି ପାଇଲେ ୨୩ ଭୂମିହୀନ ପରିବାର**

ଗୁଡ଼ଭେଲା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁଷୁରା ତହସିଲ ଅନ୍ତର୍ଗତ ଟେପରାମୁଣ୍ଡା ଓ ସିନ୍ଧିରାବାହାଲି ଗ୍ରାମର ୨୩ ଜଣ ଭୂମିହୀନ ପରିବାରକୁ ୪ ଡ଼ିସିମିଲ ଲେଖାଏ ଜମି ଚିହ୍ନଟ କରି ପ୍ରଦାନ କରାଯାଇଛି। ଜମି ଚିହ୍ନଟ ସମୟରେ ତୁଷୁରା ରାଜସ୍ୱ ନିରୀକ୍ଷକ ନବୀନ ରାଉତ ଉପସ୍ଥିତ ରହିଥିଲେ। ଦୀର୍ଘବର୍ଷ ପରେ ଜମି ପାଇଥିବାରୁ ସେମାନେ ତହସିଲଦର ଚନ୍ଦ୍ରମଣୀ ନାଗଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

**ବଲାଙ୍ଗୀର ଅଫିସ, ୫।୧:** ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ମାକଡଚୁଆଁ ଗାଁର ଜଣେ ଆଦିବାସୀ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ଶ୍ରୀକର ମିର୍ଦ୍ଧାଙ୍କୁ ସ୍ଥାନୀୟ ଲୋକେ ଗାଁ ନିକଟ ଜଙ୍ଗଲରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଗତ ୧ତାରିଖରେ ଶ୍ରୀକର ଭୋଜି କରି ଫେରୁଥିବା ବେଳେ ଗାଁର ଉଚ୍ଚବର୍ଗର କେତେଜଣ ଯୁବକ ତାଙ୍କୁ ଆକ୍ରମଣ କରିଥିବା ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଶାସକ ଦଳର ଜଣେ ନେତା ଓ ଅନ୍ୟ ଜଣେ ତାଙ୍କ ପରିବାରକୁ କୁଆଡେ ଧମକ ଦେଇଥିଲେ। ୩ ତାରିଖରେ ସେ ଗାଧୋଇ ଯିବା ସମୟରେ ତାଙ୍କୁ ପୁଣି କେତେଜଣ ଯୁବକ ଆକ୍ରମଣ କରିବାରୁ ଜୀବନ ଭୟରେ ସେ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ। ସେହିଦିନୁ ତାଙ୍କର କୌଣସି ପତ୍ତା ମିଳୁ ନ ଥିଲା। ଏହି ଆକ୍ରମଣର ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ପୀଡିତ ପରିବାରର ସୁରକ୍ଷା ଦାବି କରିଛନ୍ତି ବିଧାୟକ ନରସିଂହ ମିଶ୍ର।

### ଗନ୍ଧମାଳୀ ସମାଜର ଉପଖଣ୍ଡସ୍ତରୀୟ ବୈଠକ

**ଲୋଇସିଂହା,୫।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଯୋଗେଶ୍ୱର ପୀଠରେ ପଶ୍ଚିମ ଓଡିଶା ଗନ୍ଧମାଳି ସମାଜ ବଲାଙ୍ଗୀର ଉପଖଣ୍ଡୀୟସ୍ତରୀୟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପସଭାପତି ରୂପଧର ଥନାପତି ଅଧ୍ୟକ୍ଷତା କରିଥିଲେ। ବୈଠକରେ ଭାସ୍କର ଥନାପତି, ଅନନ୍ତ ଥନାପତି, ଜଗଦୀଶ ଥନାପତି, ଲମ୍ବୋଦର ଥନାପତି, ବିଶ୍ୱନାଥ ଥନାପତି, ବିଘ୍ନରାଜ ଥନାପତି, ପଙ୍କଜ ଥନାପତି, ରାମାନନ୍ଦ ଥନାପତି, ଛନ୍ଦା ଥନାପତି, କେଦାର ଥନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ କୋଷାଧ୍ୟକ୍ଷ ଭାସ୍କର ଥାନାପତି ଗତବର୍ଷର ଆୟବ୍ୟୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏତଦ୍‌ବ୍ୟତୀତ ଯୁବ ପୂଜକମାନଙ୍କୁ ସେବାପୂଜା କରାଯିବ ବିଷୟରେ ମାର୍ଗଦର୍ଶନ ଦିଆଯାଇଥିଲା ।

### ଫୁଲ ଦେଇ ହେଲମେଟ ସଚେତନତା



**ଅତାବିରା, ୫।୧ (ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ଗୋଡଭଗା-ତୁରୁମ ୫୪ ନମ୍ବର ରାଜ୍ୟ ରାଜପଥର ସିନ୍ଦୁରବାହାଲ ଛକରେ ମଙ୍ଗଳବାର ହେଲମେଟ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋରାସାଗର, ସହଯୋଗୀ ତପସ୍ୱିନୀ ଦେବଗୁରୁ, କୈଶଲ୍ୟା କୁମାର, ଉପେନ୍ଦ୍ର ଭୁଏ ଓ ଗୋଡଭଗା ଫାଣ୍ଡି କନଷ୍ଟେବଳ ପ୍ରଦୀପ କୁମାର ନାୟକ, ଗ୍ରାମରକ୍ଷୀ ଗୋବିନ୍ଦ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ । ଯେଉଁମାନେ ହେଲମେଟ ପିନ୍ଧି ବାଇକ୍ ଚଳାଉଥିଲେ ସେମାନଙ୍କୁ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧିତ କରାଯାଉଥିଲା ।

### ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ

**ଲୋଇସିଂହା, ୫।୧(ଡି.ଏନ.ଏ.):** କଟକ ଜିଲା ମାହାଙ୍ଗା ଡବଲ ମର୍ଡର ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଛି ଲୋଇସିଂହା ଭାଜପା ଯୁବମୋର୍ଚ୍ଚା। ମଙ୍ଗଳବାର ଏ ନେଇ ସେମାନେ ଲୋଇସିଂହା ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ ଦାବିରେ ମୋର୍ଚ୍ଚା ପକ୍ଷରୁ ଲୋଇସିଂହା ଥାନା ଆଇଆଇସି ଲଳିତା ଲାକ୍ରାଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଯୁବମୋର୍ଚ୍ଚା ସଭାପତି ଯଶୋବନ୍ତ ବାଦୀଙ୍କ ନେତୃତ୍ୱରେ ଗୌରାଙ୍ଗ ନାଏକ, ସୁନୀଲ ଦାସ, ରଶ୍ମି ପଧାନ, ଶଙ୍କର ସାହୁ ,ଅମରଜିତ ପଟେଲ ସମେତ ବହୁ କର୍ମୀ ଥାନା ଆଗାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

# ମଣ୍ଡିରେ ବଢୁଛି ଚାଷୀଙ୍କ ଦୁଃଖ

- କଟନିରୁ ବି ବର୍ତ୍ତୁନି ଏଫ୍ଏକ୍ୟୁମାନର ଧାନ
- ମଣ୍ଡିରେ ୩୭୬୩ କୁଇଣ୍ଟାଲ ପଡିଛି
- ୨୧୦ରୁ ୧୯୨ ମଣ୍ଡି ଆରମ୍ଭ, ୧୮ ଆରମ୍ଭ ହୋଇନି

**ଭବାନୀପାଟଣା, ୫।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଚାଷୀ କେତେବେଳେ ରୋଗପୋକ ତ ଆଉ କେତେବେଳେ ଅଦିନିଆ ବର୍ଷା ଯୋଗୁ କ୍ଷତି ସହୁଥିବା ବେଳେ ଏବେ କୋଭିଡ କଟକଣାରେ ବି ନିଜ କଷ୍ଟ ଉପାର୍ଜିତ ଧାନ ଦଲାଲଙ୍କୁ ନ ଦେଇ ମଣ୍ଡିରେ ବିକି ଦୁଇ ପଇସା ଉପାର୍ଜନ ଆଶା କରୁଛି। ହେଲେ ଏଥିରେ ବି ପ୍ୟାକ୍ସ ଓ ମିଲର୍ସଙ୍କଠାରୁ ଚାଷୀ ଶୋଷଣ ହେବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଚାଷୀଙ୍କ ଟୋକନଗୁଡିକୁ ଦଲାଲମାନେ କୁଇଣ୍ଟାଲ ପିଛା ୧୦୦ ଟଙ୍କାରେ କିଣି ନିଜର ବେନାମୀ ଧାନକୁ ଚାଷୀ ଟୋକନରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଆରଏମ୍‌ସି, ପ୍ୟାକ୍ସ ଓ ମିଲର୍ସ ଏଜେଣ୍ଟଙ୍କ ମଧୁଚନ୍ଦ୍ରିକା ଯୋଗୁ ଚାଷୀ ଶୋଷଣର ଶିକାର ହେଉଥିବା ବେଳେ ମଣ୍ଡିରେ ମଧ ଚାଷୀଙ୍କ ଦୁଃଖ ବଢୁଛି । ଫେୟାର ଆଭରେଜ କ୍ୱାଲିଟି (ଏଫ୍ଏକ୍ୟୁ) ମାନର ଧାନକୁ ମଧ କଟନୀଛଟନୀ କରାଯାଉଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଜିଲାରେ ପ୍ରଥମ ପର୍ଯ୍ୟାରେ ୨୪ ଲକ୍ଷ ୪୦ ହଜାର ୯୦୦ କୁଇଣ୍ଟାଲ ଧାନ ଉଠାଣ ପାଇଁ ଟାର୍ଗେଟ ରହିଛି। ଏ ପର୍ଯ୍ୟନ୍ତ ୭ ଲକ୍ଷ ୧୦ ହଜାର ୯୧୯ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ମଣ୍ଡିରେ ୩୭୬୩ କୁଇଣ୍ଟାଲ ପଡିରହିଛି। ଜିଲାର ୨୧୦ରୁ ୧୯୨ଟି ମଣ୍ଡି ଚାଲିଥିବା ବେଳେ ୧୮ଟି ମଣ୍ଡି ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଧାନ କିଣାରେ ୫୮ଟି ମିଲର୍ସ ସାମିଲ ହୋଇଛନ୍ତି। ଜିଲାର ୯୫୨୯ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ମଣ୍ଡିରେ ଏଫ୍ଏକ୍ୟୁ ଧାନକୁ ପ୍ରାୟ ୪ କେଜି କଟନି କରାଯାଉଥିବା ଯୋଗୁ କଲମପୁର ବ୍ଲକ ମଣ୍ଡଳ ମଣ୍ଡିରେ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ପ୍ୟାକ୍ସ ସମ୍ପାଦକ ସାଢେ ୩ କେଜି ଏଫ୍ଏକ୍ୟୁ ଧାନ ଉପରେ କଟନି କରିବା ପାଇଁ କହିଥିବା ନେଇ ସହ ସମ୍ପାଦକଙ୍କ ଫୋନ କଲ ରେକର୍ଡ ଚାଷୀମାନଙ୍କ ମଧ୍ୟରେ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାର ତଦନ୍ତ କରିବାକୁ ଚାଷୀ ମହଲରେ ଦାବି ହୋଇଛି। ଚଳିତ ଖରିଫ ଋତୁରେ କଲମପୁର ବ୍ଲକ ମଣ୍ଡଳ, କୋଟାଗାଁ, ବଲାଗାଁ, ମିନଗୁର ସମେତ ବହୁ ଅଞ୍ଚଳର ଚାଷୀଙ୍କ ଧାନବିକ୍ରି ନିମନ୍ତେ ପ୍ରଶାସନ ପକ୍ଷରୁ ମୁଖିଗୁଡା ନିୟନ୍ତ୍ରୀତ ବଜାର କମିଟି ଜରିଆରେ ମଣ୍ଡି ଖୋଲାଯାଇଛି। ମଣ୍ଡଳ ସମବାୟ ସମିତି ଜରିଆରେ ଧାନ କିଣା ଯାଉଥିବା ବେଳେ ଏଠି ୭ଟି ମିଲର ମଣ୍ଡି ଟେଗ୍ ହୋଇଛନ୍ତି। ମିଲର୍ସମାନେ ଚାଷୀଙ୍କୁ ବସ୍ତା ଦେଉ ନ ଥିବା ବେଳେ ବସ୍ତାର ଓଜନ ନେଇ ମଧ ଠକେଇ ହେଉଥିବା ଅଭିଯୋଗ ହୋଇଛି। ଖାଲି ବସ୍ତାର ଓଜନ ୫୦୦ ରୁ ୬୦୦ ଗ୍ରାମ ଥିବା ବେଳେ ଏହାକୁ ୧ କେଜି ୪୦୦ ଗ୍ରାମ ଓଜନ ଦର୍ଶାଇ କାଟୁଛନ୍ତି। ଏଠାରେ କୁଇଣ୍ଟାଲ ବସ୍ତା ଲୋଡିଂ ପାଇଁ ୧୦ ଟଙ୍କା ଥିବା ବେଳେ ଶ୍ରମିକଙ୍କୁ ୮ ଟାଙ୍କା ଦିଆଯାଉଥିବା ଅଭିଯୋଗ ହୋଇଛି। ଫଳରେ ମଣ୍ଡିରେ କାମ କରୁଥିବା ଶ୍ରମିକ ଶୋଷଣ ହେଉଛନ୍ତି। ଅନ୍ୟପକ୍ଷରେ ସାଧାରଣ ଧାନକୁ ୮ କେଜିରୁ ୧୦ କେଜି କଟନି କରୁଛନ୍ତି। ଚାଷୀଙ୍କ ଟୋକନକୁ ନେଇ ମଣ୍ଡିରେ ଦଲାଲମାନେ ସକ୍ରିୟ ଥିବା ଯୋଗୁ ପ୍ରକୃତ ଚାଷୀମାନେ ମଣ୍ଡିକୁ ଆସି ଦହଗଞ୍ଜ ହେବାକୁ ଉଚିତ ମନେ କରୁନାହାନ୍ତି। ଜିଲା ପ୍ରଶାସନ ତୁରନ୍ତ ମଣ୍ଡିରେ ହେଉଥିବା ଅନିୟମିତତାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି। ବିଭିନ୍ନ ମଣ୍ଡିରେ କଟନିଛଟନି ହେଉଥିବା ଓ ଖାଲି ବସ୍ତାର ପ୍ରକୃତ ଓଜନଠାରୁ ଅଧିକା ଓଜନ କାଟି ରଖାଯାଉଥିବା ଅଭିଯୋଗକୁ ଦୃଷ୍ଟିରେ ରଖି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ବିଭିନ୍ନ ଅଧିକାରୀଙ୍କୁ ଧାନମଣ୍ଡିଗୁଡିକୁ ପରିଦର୍ଶନ କରି ଚାଷୀମାନଙ୍କ ଅଭିଯୋଗକୁ ସେଠାରେ ହିଁ ସମାଧାନ ପାଇଁ ଗତ ୨୯।୧୨।୨୦୨୦ ଚିଠି ନଂ.୨୪୫୧/ସିଏସ୍ ଦ୍ୱାରା ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ସମସ୍ତ ଅଧିକାରଙ୍କୁ ସବୁ ମଣ୍ଡି ପରିଦର୍ଶନ କରି ତୁରନ୍ତ ତାହାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଯଦି କିଣାବିକାରେ କୌଣସି ଦୋଷତ୍ରୁଟି ପରିଲକ୍ଷୀତ ହୁଏ ତାହାହେଲେ ତୁରନ୍ତ ଉକ୍ତ ମିଲର୍ସ, ଏଜେଣ୍ଟ ଏବଂ ପିପିସିର କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## କଟ୍‌ନୀଛଟ୍‌ନୀ ନେଇ ବିଡିଓଙ୍କଠାରେ ଅଭିଯୋଗ




ବିଡିଓଙ୍କ ସହ ଚାଷୀମାନେ ଆଲୋଚନା କରୁଛନ୍ତି।

**କେସିଙ୍ଗା, ୫।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କାଣ୍ଡେଲ ପ୍ରାଥମିକ କୃଷି ସମିତି ଲିଃ ମଣ୍ଡିରେ ଧାନ କଟନିଛଟନିକୁ ନେଇ ବିଡିଓଙ୍କ ନିକଟରେ ମଙ୍ଗଳବାର ଚାଷୀମାନେ ଅଭିଯୋଗ କରିଛନ୍ତି। ସନ୍ଧ୍ୟାରେ ବିଡିଓ ପହଞ୍ଚି ଚାଷୀ, ମିଲର୍ସଙ୍କ ସହିତ ଆଲୋଚନା କରିବା ପରେ ମଣ୍ଡିରୁ ଧାନ ଉଠିଥିଲା। କାଣ୍ଡେଲ, ସିରୋଲ, ବାଲସି ୩ଟି ମଣ୍ଡିରେ ଧାନ କିଣିବା ପାଇଁ କେସିଙ୍ଗାର ୬ଟି ରାଇସ ମିଲର୍ସଙ୍କୁ ନିୟୋଜିତ କରାଯାଇଛି। ଏହି ୩ଟି ଧାନ ମଣ୍ଡିରୁ ୨୬୩ ଜଣ ଚାଷୀଙ୍କଠାରୁ ୧୪ ହଜାର ୯୦୬. ୭୨ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ପ୍ରତ୍ୟେକ ମିଲର୍ସ ୭ କେଜି ଧାନ ଏଜେଣ୍ଟମାନେ କାଟି ନେଉଛନ୍ତି। ପ୍ରତିବାଦ କଲେ ଏଜେଣ୍ଟମାନେ ଚାଷୀଙ୍କୁ ହଇରାଣ କରୁଛନ୍ତି। ଏହି ୩ଟି ଧାନ ମଣ୍ଡିରୁ କାଣ୍ଡେଲ ପ୍ରାଥମିକ କୃଷି ସମିତି ଲିଃ ଦ୍ୱାରା ଧାନକ୍ରୟ କରାଯାଉଛି। ଅଖା ବସ୍ତା ପ୍ରତି ଏକ କେଜି, ଜରି ବସ୍ତା ପ୍ରତି ୪୦୦ ଗ୍ରାମର ଓଜନକୁ ମଧ ଏକ କେଜି ଲେଖାଏଁ କଟନି କରାଯାଉଛି। ମିଲର୍ସଙ୍କ ଇଙ୍ଗିତରେ ଏଜେଣ୍ଟ, ସମିତି ସମ୍ପାଦକ ଓ ଆରଏମସି କର୍ମଚାରୀଙ୍କ ମଧୁଚନ୍ଦ୍ରିକାରେ ଚାଷୀଙ୍କଠାରୁ କୁଇଣ୍ଟାଲ ପ୍ରତି ୭ରୁ ୮ କେଜି ଧାନ କଟାଯାଉଛି। ଏହାକୁ ପ୍ରତିବାଦ କରି ଚାଷୀମାନେ କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଅଜୁଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ କାଣ୍ଡେଲ ପ୍ରାଥମିକ କୃଷି ସମିତି ଲିଃର ଇନଚାର୍ଜ ଭୁବନେଶ୍ୱର ମାଝି ଧାନ କଟନି ଛଟନି ବିଷୟରେ ମୁଁ ଜାଣି ନାହିଁ ବୋଲି କହିଥିଲେ। ଚାଷୀଙ୍କ ଏହି ସମସ୍ୟା ଖବର ପାଇ ଜିଲା ପରିଷଦ ଅଧକ୍ଷା ନମିତାରାଣୀ ସାହୁ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ।



ମଣ୍ଡିରେ ଜମା ହୋଇ ରହିଥିବା ଧାନ ବସ୍ତା।

## ବୁର୍ଡା ପ୍ୟାକ୍ସ: ଉଠିପାରୁନି ଧାନ

**ଲୋଇସିଂହା,୫।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ପ୍ୟାକ୍ସରେ ଧାନ କିଣାବିକାରେ ଶୀଥିଳତା ଦେଖାଦେଇଛି। ମଣ୍ଡିକୁ ଚାଷୀମାନେ ଆଣୁଥିବା ଧାନ ଉଠି ପାରୁନାହିଁ। ମିଲର୍ସ ଧାନ କିଣିବା ପାଇଁ କାଁଭାଁ ଗାଡି ପଠାଉଥିବାରୁ ଚାଷୀଙ୍କ ଧାନ ପଡି ରହିଛି। ବୁର୍ଡା, ବାଞ୍ଜିପାଲି, ସିଆଲବାହାଲି, ବୁଢୀପଦର, ପନେସରା, ଟେଭାଡୁଙ୍ଗରୀ, ଗୋପାଳପୁର, ଡୋଲମହୁଲ ପ୍ରଭୃତି ଗ୍ରାମକୁ ନେଇ ଗଠିତ ବୁର୍ଡା ପ୍ୟାକ୍ସରେ ଖରିଫ ଧାନବିକ୍ରି ପାଇଁ ୩୮୬ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଅର୍ଣ୍ଣପୂର୍ଣ୍ଣା, ଗଜାନନ, ମହିମା, ଶଙ୍କର ଏପରି ୫ ମିଲର୍ସ ଧାନ ଉଠାଇବା ସକାଶେ ସହବନ୍ଧିତ ହୋଇଛନ୍ତି। ମଣ୍ଡିକୁ ଧାନକିଣା ସକାଶେ ଦ୍ୱିତୀୟ ପର୍ଯ୍ୟାୟ ଟାର୍ଗେଟ ଦିଆଗଲାଣି। ହେଲେ ପ୍ରଥମ ପର୍ଯ୍ୟାୟର ଧାନକିଣା ଧାର୍ଯ୍ୟ ଲକ୍ଷ୍ୟ ମିଲର୍ସମାନେ ହାସଲ କରିପାରି ନାହାନ୍ତି। ସୋମବାର ସନ୍ଧ୍ୟାରେ ଜଣେ ମିଲର୍ସ ଗୋଟିଏ ଗାଡି ପଠାଇବାରୁ ୩ ଶହ ପ୍ୟାକେଟ ଧାନ ଉଠିଥିଲା । ମଙ୍ଗଳବାର ଅପରାହ୍ନ ସୁଦ୍ଧା ଗୋଟିଏ ମଧ୍ୟ ଗାଡି ଆସି ନ ଥିଲା । ଫଳରେ ମଣ୍ଡିରେ ୧୨ରୁ ଅଧିକ ଚାଷୀଙ୍କ ୧୩ଶହ ପ୍ୟାକେଟ ଧାନ ପଡିରହିଛି। ଜାନୁୟାରୀ ପ୍ରଥମ ସପ୍ତାହ ବିକିବାକୁ ବସିଥିଲେ ସୁଦ୍ଧା ଡିସେମ୍ବର ମାସର ଟୋକନ ପାଇଥିବା ଚାଷୀ ଧାନବିକ୍ରି କରି ନ ପାରି ହଟହଟା ହେଉଥିବା ଅଭିଯୋଗ କରିଛନ୍ତି। ପ୍ୟାକ୍ସରେ ଧାନକିଣା ଅନୁବନ୍ଧିତ ମିଲର୍ସଙ୍କ ମଧ୍ୟରୁ ଅର୍ଣ୍ଣପୂର୍ଣ୍ଣା ୧ ହଜାର କୁଇଣ୍ଟାଲରୁ ୬୧୨ କୁଇଣ୍ଟାଲ, ଗଜାନନ ୩ ହଜାର କୁଇଣ୍ଟାଲରୁ ୧୯ଶହ କୁଇଣ୍ଟାଲ, ମହିମା ୧ ହଜାର କୁଇଣ୍ଟାଲରୁ ୫୭୦ କୁଇଣ୍ଟାଲ ଉଠାଇଛି। ଶଙ୍କର ମିଲର୍ସକୁ ୨ହଜାର କୁଇଣ୍ଟାଲ ଟାର୍ଗେଟ ଉଠାଇବାକୁ ଦିଆଯାଇଛି । ହେଲେ ଗୋଟିଏ ବି ଗାଡି ପଠାଇ ନଥିବା ପ୍ୟାକ୍ସ ସୂତ୍ରରୁ ପ୍ରକାଶ । ଉଲ୍ଲେଖଯୋଗ୍ୟ ଯେ, ପ୍ୟାକ୍ସକୁ ପ୍ରଥମ ପର୍ଯ୍ୟାରେ ୯ ହଜାର ୪ଶହ କୁଇଣ୍ଟାଲ ଧାନକିଣା ଟାର୍ଗେଟ ଦିଆଯାଇଛି । ସେଥରୁ ୧୨୦ ଜଣ ଚାଷୀଙ୍କଠାରୁ ୫୪୭୯ କୁଇଣ୍ଟାଲ ଧାନ କିଣାଯାଇଛି ।

## କାର୍ଯ୍ୟାଳୟ ଖୋଲା, ଅଧିକାରୀଙ୍କ ଦେଖାନାହିଁ

**ଗୁଡ଼ଭେଲା, ୫।୧(ଡି.ଏନ.ଏ.)**

**ତୁଷୁରା କେନ୍ଦୁଲିଫ ଅଫିସ**

ବଲାଙ୍ଗୀର ଜିଲା ତୁଷୁରା ମହୀପୁଠାରେ ଥିବା କେନ୍ଦୁଲିଫ ଅଫିସ ଏବେ ନାନା ଅବ୍ୟବସ୍ଥା ଦେଇ ଗତି କରୁଛି। ପ୍ରାୟ ସମୟ ଅଫିସ ଖୋଲା ରହୁଥିବା ବେଳେ ରେଞ୍ଜର ଓ ଅନ୍ୟ ଅଧିକାରୀ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି। ଏଥିଯୋଗୁ ପତ୍ର ତୋଳାଳିମାନେ ଅଫିସକୁ ବିଭିନ୍ନ କାର୍ଯ୍ୟ ପାଇଁ ଆସି ଫେରିଯାଉଥିବା ଦେଖିବାକୁ ମିଳୁଛି। ଅଧିକାରୀଙ୍କ ବିଷୟରେ ପଚାରିଲେ ଉପସ୍ଥିତ କର୍ମଚାରୀମାନେ ସାର ଆସୁଥିବେ ଅପେକ୍ଷା କରନ୍ତୁ ବୋଲି କହୁଛନ୍ତି। ରେଞ୍ଜର ଭାସ୍କର ଚନ୍ଦ୍ର ପାଣିଗ୍ରାହୀଙ୍କ ପ୍ରତିକ୍ରିୟା ନେବା ପାଇଁ ତାଙ୍କୁ ବାରମ୍ବାର ଯୋଗଯୋଗ କରାଯାଇଥିଲା। ଫୋନ ରିଙ୍ଗ ହେଉଥିଲେ ସୁଦ୍ଧା ସେ ରିସିଭ କରି ନ ଥିଲେ। ଏ ନେଇ ଟିଟିଲାଗଡ଼ ସର୍କଲ ଡିଏଫଓ ଯଶୋବନ୍ତ ବରିହା କହିଛନ୍ତି ଯେ, ରେଞ୍ଜର ଛୁଟିରେ ଥିବେ। ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ପେଟ୍ରୋଲ ପମ୍ପରୁ ଲୁଟ୍, ୩ ଗିରଫ



ଜବତ୍ ମାରଣାସ୍ତ୍ର, ପେଟ୍ରୋଲ ଜାର ସହ ଗିରଫ ୩ ଅଭିଯୁକ୍ତ ।

**ବଲାଙ୍ଗୀର ଅଫିସ, ୫।୧**

**୩୫ ଲିଟର ପେଟ୍ରୋଲ, ମାରଣାସ୍ତ୍ର ଓ ସ୍କୁଟି ଜବତ୍**

ବଲାଙ୍ଗୀର ପ୍ୟାଲେସଲାଇନ୍ ସ୍ଥିତ ପେଟ୍ରୋଲ ପମ୍ପରୁ ଲୁଟ୍ କରିବା ଅଭିଯୋଗରେ ଟାଉନ୍ ଥାନା ପୋଲିସ ମଙ୍ଗଳବାର ୩ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ନମ୍ବରବିହୀନ ୟାମାହା ସ୍କୁଟି, ଲୁହାରଡ଼ରେ ସାଇକେଲ ଚେନ୍‌ୱିଲ ଲଗା ଏକ ମାରଣାସ୍ତ୍ର ଓ ୩୫ ଲିଟର ଲୁଟ୍ ପେଟ୍ରୋଲ ଜବତ୍ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସିନ୍ଦୁରବାହାଲ ଗ୍ରାମର ପିଣ୍ଟୁ ଓରଫ୍ ଅଜିତ୍ ସୁନା (୨୨), ବର୍ଷି ସୁନା (୨୪) ଓ ତୁଷରା ଥାନା ଅନ୍ତର୍ଗତ ବରଗାଁର ଜଗନ୍ନାଥ ସୁନା (୨୬) । ଗତ ଡିସେମ୍ବର ୩୦ ତାରିଖ ରାତିରେ କେତେଜଣ ଅଜଣା ଯୁବକ ଏହି ପେଟ୍ରୋଲ ପମ୍ପକୁ ଆସି ଏକ ନମ୍ବର ବିହୀନ ସ୍କୁଟିରେ ପେଟ୍ରୋଲ ଭରି ଟଙ୍କା ନଦେଇ ଫେରାର ହୋଇଯାଇଥିଲେ। ଏହାର ପ୍ରାୟ ଅଧଘଣ୍ଟା ପରେ ଅଭିଯୁକ୍ତମାନେ ପୁଣି ସେହି ପେଟ୍ରୋଲ ପମ୍ପକୁ ଆସି ୧୦ ହଜାର ଟଙ୍କାର ପେଟ୍ରୋଲ ବିଭିନ୍ନ ଜାର୍ ଓ ବୋତଲରେ ଭରି ନେଇଯାଇଥିଲେ। ପୋଲିସରେ ଅଭିଯୋଗ କଲେ ଜୀବନରେ ମାରିଦେବାର ଧମକ ଦେଇଥିବା ପେଟ୍ରୋଲ ପମ୍ପର ବିଜୟ ପଣ୍ଡା ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ଟାଉନ୍ ଥାନାରେ ଏକ ମାମଲା (ନଂ.୫୮୮/୨୦) ରୁଜୁକରିତଦନ୍ତ କରିଥିଲା।

## ଥାନା ଆଗରେ ବିକ୍ଷୋଭ

**ବରଗଡ଼ ଅଫିସ୍/ସରଣ୍ଡା,୫।୧**

ବରଗଡ଼ ନଗର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଟାଉନ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ମନ୍ତ୍ରୀ ପ୍ରତାପ ଜେନାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ମାହାଙ୍ଗାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବରିଷ୍ଠ ଭାଜପା ନେତା କୁଳମଣି ବରାଳ ଓ ତାଙ୍କ ସାଥୀଙ୍କୁ ହତ୍ୟା ପ୍ରତିବାଦ ତଥା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଭାଜପା ନଗର ଯୁବମୋର୍ଚ୍ଚା ସଭାପତି ଦିପକ ମିରୱାନୀଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଭାଜପା ନେତା ଅଶ୍ୱିନୀ ଷଡ଼ଙ୍ଗୀ, ରବି ନାରାୟଣ ଦାଶ, ପ୍ରୀତମ ସିଂ, ସୁବ୍ରତ ହୋତା, ଅମିତ ପଣ୍ଡା, ପରିକ୍ଷୀତ ଛତର ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଅତାବିରା ଥାନା ଆଗରେ ଭାଜପା ନେତା କୁଶ କୁମ୍ଭାରଙ୍କ ନେତୃତ୍ୱରେ ଅନୁରୂପ ବିକ୍ଷୋଭ ହୋଇଥିବା ସରଣ୍ଡା ପ୍ରତିନିଧି ସୂଚନା ଦେଇଛନ୍ତି । ଏଥିରେ ଅତାବିରାର ବହୁସଂଖ୍ୟକ ଭାଜପା କର୍ମୀ ଉପସ୍ଥିତ ଥିଲେ ।

## ଘୁଚିପାଲି ଫୁଟ୍‌ବଲ ଟୁର୍ନାମେଣ୍ଟ : ଜରାସିଂହା ଚାମ୍ପିୟନ



ଚାମ୍ପିୟନ ଜରାସିଂହା ଦଳକୁ ପୁରସ୍କୃତ କରାଯାଉଛି ।

**ଦେଓଗାଁ, ୫।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ଘୁଚିପାଲି ପଲ୍ଲୀ ଆଲୋକ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଶିରାବାହାଲ ଓ ଘୁଚିପାଲି ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକରରେ ଘୁଚିପାଲିଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ଜରାସିଂହା(ବିଏନଏଏ) ଓ ନାଇକେନସିରା ମଧ୍ୟରେ ହୋଇଥିଲା। ଏଥିରେ ଜରାସିଂହା ୧-୦ ଗୋଲରେ ଜିତି ଫାଇନାଲରେ ପ୍ରବେଶ କରିଥିଲା। ଜରାସିଂହା ଓ ଘୁଚିପାଲି ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଜରାସିଂହା ୧-୦ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଚିତ୍ତରଞ୍ଜନ ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନା ମେହେର, ସମ୍ମାନୀତ ଅତିଥି ଡା.ଶଶୀଭୂଷଣ ସାହୁ, ସମିତି ସଭ୍ୟ ଜନ୍ମେଜୟ ସାହୁ, ଗୌଣ୍ଡୱାନା ସମାଜ ଜିଲା କୋଷାଧକ୍ଷ ଶିଶିର କୁମାର ଧରୁଆ, ଶିକ୍ଷକ ଦାଶରଥୀ ଭୋଇ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଶ୍ରେଷ୍ଠ ଖେଳାଳି ସତ୍ୟ ଚନ୍ଦନ, ବେଷ୍ଟ ଗୋଲକିପର ଅଙ୍କିତ ଥନାପତି, ଆମାଜିଙ୍ଗ ପ୍ଲେୟାର ସରୋଜ ଭୋଇ, ବେଷ୍ଟ ଭଲ୍ୟୁଣ୍ଟିୟର ଭାଗିରଥି ମାଝି ଓ ଶୃଙ୍ଖଳିତ ଖେଳାଳିଭାବେ ସୂର୍ଯ୍ୟ ଧରୁଆଙ୍କୁ ପୁରସ୍କୃତ କରାଯାଇଥିଲା । ଖେଳକୁ ମଣି ଧରୁଆ, ସୁରେନ୍ଦ୍ର ଭୋଇ, ଭୁବନେ ଭୋଇ ପରିଚାଳନା କରିଥିଲେ। ଗୌତମ ଧରୁଆ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

## ଧର୍ମାନୁଷ୍ଠାନ ଖୋଲିବା ଅନୁମତି ଦେଲେ ପ୍ରଶାସନ

**ବଲାଙ୍ଗୀର ଅଫିସ, ୫।୧**

**ବଲାଙ୍ଗୀର ଜିଲା**
- କୋଭିଡ ଗାଇଡଲାଇନ୍, ଏସଓପି ପାଳନ ନିର୍ଦ୍ଦେଶ ଦେଲେ
- ସପ୍ତାହରେ ଥରେ ବନ୍ଦ ରହିବ ଧର୍ମାନୁଷ୍ଠାନ
- ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ପାଳନ ଜରୁରୀ
- ଧର୍ମାନୁଷ୍ଠାନ ଭିତରେ ହେବନାହିଁ ପ୍ରସାଦ ସେବନ ।
- ଦେବଦେବୀ ମୂର୍ତ୍ତି ଛୁଇଁବା ମନା
- ବୟସ୍କ, ଛୋଟପିଲା, ଗର୍ଭବତୀଙ୍କୁ ମନ୍ଦିର ମନା

ମଙ୍ଗଳବାରଠାରୁ ବଲାଙ୍ଗୀର ଜିଲାର ଧାର୍ମିକ ଅନୁଷ୍ଠାନ ଯଥା ମନ୍ଦିର, ଗୀର୍ଜା, ମସଜିଦ୍, ଗୁରୁଦ୍ୱାରା ଖୋଲିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଛି। ଜିଲାପାଳ କାର୍ଯ୍ୟାଳୟ ଜରୁରୀ ଶାଖା ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶାବଳୀରେ ଧାର୍ମିକ ଅନୁଷ୍ଠାନ ଖୋଲିବା ତଥା ସେଠାରେ ଜନସାଧାରଣ ଦର୍ଶନ ଓ ଉପାସନା କରିବା ବେଳେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର (ଏସ୍ଓପି) ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମା ପରେ ଦୀର୍ଘ ସାଢ଼େ ୯ ମାସ ହେଲା ଜନସାଧାରଣଙ୍କ ଦର୍ଶନ ଓ ଉପାସନା ପାଇଁ ବନ୍ଦ ରହିଥିବା ଧାର୍ମିକ ଅନୁଷ୍ଠାନଗୁଡିକ ଖୋଲିବ । ଲୋକେ ଧାର୍ମିକ ଅନୁଷ୍ଠାନ ଗଲାବେଳକୁ ମାସ୍କ ପରିଧାନ, ୬ ଫୁଟ୍‌ର ସାମାଜିକ ବା ଶାରିରିକ ଦୂରତ୍ୱ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଏହାସହିତ ସପ୍ତାହରେ ଗୋଟିଏ ଦିନ ଧର୍ମାନୁଷ୍ଠାନଗୁଡିକ ବନ୍ଦ ରହିବ ଓ ସାନିଟାଇଜେସନ୍ କରାଯିବ। କୌଣସି ଧାର୍ମିକ ଅନୁଷ୍ଠାନ ଭିତରେ ପ୍ରସାଦ ସେବନକୁ ବାରଣ କରାଯାଇଥିବାବେଳେ ଭକ୍ତମାନେ ଦେବାଦେବୀଙ୍କ ମୂର୍ତ୍ତିକୁ ନ ଛୁଇଁବାକୁ କୁହାଯାଇଛି। ଏହା ସହିତ ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକ, ୧୦ ବର୍ଷରୁ ତଳ ବୟସ୍କ ପିଲାଛୁଆ, ଗର୍ଭବତୀ ମହିଳା ଏବଂ ସଂକ୍ରମଣ ରୋଗପ୍ରତି ସମ୍ବେଦନଶୀଳ ବ୍ୟକ୍ତି ମନ୍ଦତର ଭିତରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ଏହା ସହିତ ଧର୍ମାନୁଷ୍ଠାନ ପ୍ରବେଶ ପଥ ଓ ପ୍ରସ୍ଥାନ ପଥ ଅଲଗା ଚିହ୍ନଟ, ଭକ୍ତଙ୍କ ପରିଚାଳନା ପାଇଁ ବାରିକେଡ, ପ୍ରବେଶ ପଥରେ ଥର୍ମାଲ ସ୍କାନିଂ କରି ଭକ୍ତଙ୍କୁ ପ୍ରବେଶ କରାଯିବା ନେଇ ପରାମର୍ଶ ଦିଆଯାଇଛି। ମନ୍ଦିର ପୂଜକ ଓ ଟ୍ରଷ୍ଟ ତଥା କମିଟି ପ୍ରତିନିଧିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏହି ନିୟମକୁ କଡାକଡି ଭାବେ ପାଳନ କରାଯିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୁଚାରୁରୂପେ ଧାର୍ମିକ ଅନୁଷ୍ଠାନ ଖୋଲିବା, ଜନସାଧାରଣଙ୍କ ସୁଗମ ଦର୍ଶନ ଓ ଉପାସନା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି । ଏନେଇ ପ୍ରଶାସନ ପକ୍ଷରୁ ନଜର ଦେବାକୁ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। କୌଣସି ବ୍ୟକ୍ତି ନିର୍ଦ୍ଦେଶନାମ ଖିଲାପ କଲେ ତାଙ୍କ ଉପରେ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।